# ପିଲାଙ୍କ କଥା (ଓରାଓଁ)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ**
**ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ଓରାଓଁ ସଂସାଧକ ମଣ୍ଡଳୀ**
**ଫକୀର କିସ୍‌ପଟ୍ଟା**
**ହିଲାରୁସ ତିର୍କି**
**ସୁଶାନ୍ତ ଓରାମ୍**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**



ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Oraon Resource Group**
**Phakir Kispotta**
**Hilarus Tirkey**
**Susanta Oraon**

Co- ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିସ୍ତରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଓରାଓଁ ଭାଷାର ଦ୍ୱିତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ମୁନ୍‌ଗା ଡଁଣା
## (ସଜନା ଛୁଇଁ)

ଅଣ୍ଟେ ପାଢାନୁ ପାଚଚ ପାଚଗି ରାଆଲିଆର୍ । ଆବ୍‌ଡ଼ାର୍ ବାଟକିନୁ ଅଣ୍ଟେ ମୁନ୍‌ଗା ମାନ୍ନ ଇଢାର୍ । ମୁନ୍‌ଗା ଖୁରିଆ । ଆତ୍‌ଖା ଲଭ୍ ଲଭାନ୍ ଏଥିରା । ଆତ୍‌ଖାନ୍ ଏରାକୁନ୍ କଷା ପଚଗ ମଖାଗେ ବାର୍‌ଚା । ଉନ୍ଧୁଲ୍ ପାଚଚ ଇରିଆ, କଷା ପଚଗ ମୁନ୍‌ଗା ଆତ୍‌ଖାନ୍ ମଖାଲି । ପାଚଚ ଖୃସାରାଆଙ୍କି କଷା ପଚ୍‌ଗନ୍ ବାଚ୍ଚ ଏନ୍ ମୁନ୍‌ଗା ମାନ୍ନ ଇଦ୍‌କି ରାଏନ୍ - ଆଉର୍ ନିନ୍ ଆତ୍‌ଖାନ୍ ମ'ଖାଲ୍‌ଦିନ୍ । ପଚ୍‌ଗ ବାଚ୍ଚ - ଆଜ୍ଜି ଆମାୟ୍ କେବାୟ୍ - ନିଙ୍ଗାଗେ ହୁଁ ମୁନ୍‌ଗା ତ ଖଅନ୍ । କଷା ପଚଗ ପାଚଚ ଗେ ମୁନ୍‌ଗା ତୁଖୃଚ୍ଚ ଆଉର ବାଖୃ-ନିନ୍ ଇଡ଼ିଆଖନ୍ ମହକେ ।



ଗୋଟିଏ ଛୋଟ ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ ରହୁଥିଲେ । ସେମାନେ ତାଙ୍କ ବାଡ଼ିରେ ସଜନା ଗଛ ଲଗାଇଥିଲେ । ଗଛ ଧିରେ ଧିରେ ବଡ଼ ହେବାକୁ ଲାଗିଲା । ଗଛରେ ଛନଛନିଆଁ କଅଁଳିଆ ପତ୍ର ଉଠିଲା । ଦିନେ ବାଡ଼ିରେ ବୁଲୁବୁଲୁ ବୁଢ଼ୀ ଦେଖିଲା ଗଛରେ ସଂବାଳୁଆ ଗୋଟିଏ ପତ୍ର ଡାଳରେ ବୁଲି ବୁଲି ପତ୍ର ଖାଉଛି । ବୁଢୀ ରାଗିଯାଇ ସଂବାଳୁଆକୁ କହିଲା - ଗଛ ମୁଁ ଲଗେଇଛି ଆଉ ତୁ ପତ୍ର ସବୁ ଖାଇ ଯାଉଛୁ । ସଂବାଳୁଆ କହିଲା - ଆଇ ରାଗନା - ମୁଁ ତୋ ପାଇଁ ସଜନା ପତ୍ର ତୋଳି ଦେଉଛି, ତୁ ଶାଗ ରାନ୍ଧି ଖାଇବୁ ।



ମୁନଗା ପୁଇଁଦାଗ୍ଲ । ଭାଅଁରୋ ରା’ସି ଚିପାଗେ ବାର୍ଗ୍ଲ ପାଚଚଇରିଆ ଭାଅଁରନ୍ ବାଗ୍ଲ-ଏନ୍ ମୁନ୍‌ଗା ଇଦ୍‌କିରାଏନ୍ ଆଉର ନିନ୍ ରାସି ଚିଁପଏ । ଭାଅଁର୍ ବାଚା - ଆଜ୍ଜି ଏଙ୍ଗାନ୍ ଆମାୟ୍କ କେବାଏ । ଏନ୍ ନିଙ୍ଗା ଗେ ମୁନ୍‌ଗା ପୁଁପ୍ ତଖନ୍ ଚିଅନ୍ । ଭାଅଁରୋ ପୁଁପ୍ ତୁଖ୍‌ଖିଗ୍ଲ । ପାଚଚ ପୁଁପ-ଇଡ଼ିଆ କୁନ୍ ମ’ଖା ।

କିଛି ଦିନ ପରେ ଗଛରେ ଫୁଲ ଫୁଟିଲା । ଫୁଲ ଦେଖି ଭଅଁର ମାନେ ଆସିଲେ । ବୁଢ଼ୀ ଭଅଁରକୁ ଗାଳିଦେଲା । ମୁଁ ଗଛ ଲଗେଇଛି ଆଉ ତୁ ଫୁଲରୁ ରସ ନେଇ ଯାଉଛୁ । ଭଅଁର କହିଲା- ଆଉ ରାଗ ନାହିଁ, ମୁଁ ତୋ ପାଇଁ ଫୁଲ ତୋଳି ଦେଉଛି, ରାନ୍ଧି ଖାଇବୁ । ଭଅଁର ଫୁଲ ତୋଳି ଦେଲା । ବୁଢ଼ୀ ଗୋଟାଇ ଆଣି ରାନ୍ଧିଲା । ବୁଢ଼ାବୁଢ଼ୀ ଖୁସି ମନରେ ଖାଇଲେ ।



ଧିରେ ଧିରେ ମୁନ୍‌ଗା ଟିଁଇଚ ମାଞ୍ଜା ଆଉର୍ ପଠାରା । ପାଚ୍‌ଗିସ୍ ଇରିଆସ୍ ପାଚ୍‌ଚନ୍ ବା' ଓସ୍-ନିନ୍ ଇନ୍ନା ମୁନ୍‌ଗା ଡଁଣ ଇର୍‌ତାଏ, ମଖ୍‌ଅତ୍ । ପାଚଚ ପାଚ୍‌ଗିସିନ୍ ଡଁଣ ଚଖ୍ ଆ ଆନିଆ । ପାଚଗିସ୍ ମୁନ୍‌ଗା ମାନ୍ନ ନୁ ଆର୍‌ଗିଆସ୍ । ପାଚଚ କିଆତି ଡାଡ଼ିନ୍ ଲେମ୍ଝାଓ । ମୁନ୍‌ଗା ଡାଡ଼ି ଏସ୍‌ରା କେରା । ପାଚଗିସ୍ କିଆ କାଚଡାରାସ୍ । ପାଚଗିସ୍ ହି ଛାତିନୁ ଦାରାଜ ମାଞ୍ଜା କେରା । ପାଚଚ ହାନୁ ବାଇଦ୍‌ସିନ୍ ମି ଖିଆ ଅନ୍ଦରା । ହାନୁ ବାଇଦ୍ ପାଚଗିସ୍‌ହି ଛାତିନ୍ କାପ୍‌ଇରିଆସ୍ ! ମୁନ୍‌ଗା ହି ଚାପ୍‌ଟାନ୍ ଛଡ଼ା ବାଓସ୍ ଆଉର୍ କାସ୍‌ଆକି ପାଚ୍‌ଗିସି ଛାତିନୁ ଲାଗାବାଓସ୍ । ଦୁଇ ଚାଏର୍‌ଦିନ ଛାବ୍‌ଚକା ଖ'ଖା ପାଚ୍‌ଗିସ୍ ବେଶ୍ ମାଞ୍ଜାସ୍ କେରାସ୍ ।

ସଜନା ଗଛରେ ଛୁଇଁ କଷି ଧରିବାକୁ ଲାଗିଲା । ସଜନା ଛୁଇଁ ଦେଖି ବୁଢ଼ା ବୁଢ଼ୀକୁ କହିଲା - ଆଜି ଛୁଇଁ ତରକାରି କରିବା । ବୁଢ଼ୀ ଗଛରେ ଚଢ଼ି ନ ପାରିବାରୁ ବୁଢ଼ାକୁ ତୋଳିବା ପାଇଁ କହିଲା । ବୁଢ଼ା ଧୀରେ ଧୀରେ ଗଛରେ ଚଢ଼ି ଛୁଇଁ ତୋଳୁଥିଲା । ଏତିକିବେଳେ ସଜନା ଡାଳ ତଳକୁ ଓହଳିବାରୁ ବୁଢ଼ି ଛୁଇଁ ତୋଳିଲା । ଡାଳକୁ ଟାଣିବାରୁ ଡାଳଟି ଭାଙ୍ଗିଗଲା । ବୁଢ଼ା ତଳେ ପଡିଗଲା । ବୁଢ଼ା ଛାତିରେ ଦରଜ ହେଲା, ବୁଢ଼ୀ ବୁଢ଼ାର ଛାତିକୁ ଆଉଁସି ଦେଲା । ଦରଜ ନ କମିବାରୁ ବୁଢ଼ୀ ହନୁ ବଇଦ ପାଖକୁ ଯାଇ ଡାକି ଆଣିଲା । ହନୁ ବଇଦ ବୁଢ଼ାର ଛାତିକୁ ହାତ ମାରି ଦେଖିଲା । ଏହାପରେ ବଇଦ ଯାଇ ସଜନା ଗଛର ଚେରକୁ ଆଣିଲା । ଚେରକୁ ଛେଚି ଛେଚି ତା' ରସକୁ ବୁଢ଼ାର ଛାତିରେ ଲଗାଇଦେଲା । ଧିରେ ଧିରେ ବୁଢ଼ାର ଦରଜ କମିଗଲା । ଦୁଇ ଚାରି ଦିନ ପରେ ବୁଢ଼ା ପୂରାପୂରି ଠିକ୍ ହୋଇଗଲା ।

# ନେଖାଏ ନେ ହୁଁ ମାଲିକାର, ଆରଗେ ଧାର୍ମେସ୍‌ରାହାସ (ଯାହାର କେହି ନାହାନ୍ତି, ତାଙ୍କ ପାଇଁ ଭଗବାନ ଅଛନ୍ତି)



ଢ଼େର୍ ଉଲ୍‌ଲ୍ଲାତା କାଥା । ଅନ୍‌ଟା ଇଲାକାନୁ ବିପାତି ବାରଚ୍ଚ । ଆବିରି ରାଡ଼ୋ ରାକାସ୍ ରାହାଚ୍ । ଆଦ୍ ହାରଉଲ୍ଲ ଅନ୍‌ଟା ଆଲ୍ ମୋଖାଲାଗିଆ ଆଉର ଆଲାରିନ୍ ହାଇରାନ୍ ନାନା ଲାଗିଆ । ଆ-ବିରି ହୁର୍ମି ଆଲାର ପାଢାନୁ ଅକ୍କାର ଖୁନ୍ ବିଚ୍ଚରନାଞ୍ଜାର୍ ଯେଏମ୍ ହାରଉଲ୍ଲା ଏମ୍‌ହାଏଁ ଇଚ୍ଛାନୁ ଅନ୍‌ଟା ଆଲ୍ ଟାୟମ୍ । ଆଉଲାନ୍ତି ଅନ୍‌ଟା - ଅନ୍‌ଟା ଆଲ୍ ଟାଇୟା ଲାଗିଆର । ଉନ୍ଦୁଲ୍ ଅନ୍‌ଟା ବିଧବା ଏଡ଼ପାନୁ ପାଲି ପାଡ଼ାରା । ଆ ଏଡ଼ପାନୁ ମାଁଏ ଆଉର ବେଟି ରାଆଲାଗିଆର୍ । ତ ଆକ୍କୁନ୍ ଦୁଇଝାନ୍ନୁଁ ନେକାନ୍ । ଫାଇସାଲା ମାଞ୍ଜା ଯେ, କୁକ୍କାଏ କାଓ । ମାଖା କୁକ୍କାଏ ରାକାସ୍ ଗୁସାନ୍ ଉରିଖିଆ ଆଉର ଗ୍ଚଇଲ କାଲାଲାଗିଆ । ଡାହାରେନୁ ଚିର୍ଖ୍ଁନୁମ୍ କାଲି । ସୋଗ୍ଚଆଲି ଏନ୍‌ଗା ଖେଅନ୍ କାଉନ, ଇଙ୍ଗିଓ ଏକାନେ୍ ଉଙ୍କ । ଆଦ୍ ଭଗବାନ୍‌ସିବ ପ୍ରାର୍ଥନା ନାଞ୍ଜା । ଆବେଲାନୁ ଅଣ୍ଟେ ପାକ ମାକ୍‌କ୍କା ମାନ୍ନ ମୂଲିତ ଉର୍‌ଖୃଆ ।

ଥରେ ଗୋଟିଏ ଅଞ୍ଚଳରେ ରାକ୍ଷସ ମାତିଥିଲା । ଗ୍ରାମବାସୀଙ୍କୁ ବହୁତ ହଇରାଣ କରୁଥିଲା । ପ୍ରତିଦିନ ଗ୍ରାମକୁ ଆସି ଗୋଟିଏ ମଣିଷ ନେଇ ଯାଉଥିଲା । ସେତେବେଳେ ଗ୍ରାମବାସୀ ସ୍ଥିରକଲେ ସେମାନେ ନିଜ ତରଫରୁ ପ୍ରତିଦିନ ଗୋଟିଏ ଲୋକ ଦେବେ ପ୍ରତି ପରିବାରରୁ । ଏହିପରି ହେଉ ହେଉ ଗୋଟିଏ ପରିବାରରେ ମା ଓ ଝିଅ ଦୁଇଜଣ ଥିଲେ ତାଙ୍କର ପାଳି ପଡ଼ିଲା । ସେମାନେ ବିଚ୍ଚର କଲେ କିଏ ଯିବ ରାକ୍ଷସର ଆହାର ହେବାପାଇଁ । ପରେ ସ୍ଥିର ହେଲା ଯେ, ଝିଅ ଯିବ । ଝିଅ ଘରୁ ବାହାରିଲା । ରାସ୍ତାରେ ଚିନ୍ତାକଲା ସେ ତ ମରିବ କିନ୍ତୁ ବିଧବା ମାର ଅବସ୍ଥା କଅଣ ହେବ ଭାବି କାନ୍ଦିଲା ଓ ଭଗବାନଙ୍କୁ ସ୍ମରଣ କଲା । ଏହି ସମୟରେ ଜଣେ ବୁଢୀ ଶାଳ ଗଛ ମୂଳରୁ ବାହାରିଲା ।

ପାଛ କୁକ୍କାଏନ ବାଛା ନିଘାଂଏ ଗାନେ ଏନ୍‌ରାଏନ୍ ଆମ୍ବାଏ ଚିଖାଏଁ । ରାକାସ୍ ବାର, ଆବାରି ଧାର୍‌ଆର କୁନ୍ ପାଟ୍‌କାକେ । ଏନ୍‌ସାଥ୍ ନିଘାଂଏ ଗାନେ ରାଏନ୍ । ଠିକ୍ ରାକାସ୍ ବାର୍‌ଚା ଆବୋରି କୁକ୍କାଏ ପାଟ୍‌କାଚ୍ଚ କି ପିଟିଆ ଚିଛା । ଆଦିଘିବାଦ୍‌ନୁ ଖୁସି ମାନାରକୁନ୍ ଏଡ଼ପା କିରିୟା । ଆବେରି ପାଦାନ୍‌ନ୍ତା ଆଲାର୍ ହୋରମାର୍ ଏରାର୍‌କୁନ୍ ଡାର୍ଯୁବ୍ ମାଞ୍ଜାର୍ । ହୋରମାର ମେନାଗେ କେରାର୍ ଏକାନେ୍ ବାଛିର୍‌କିନ୍ ? କୁକ୍କାଏ୍ ବାଚାର । ଏଘାଂଏ ଗାନେ୍ ଅନ୍‌ଟା ପାଛ ରାହାଚା ଆଦ୍ ଏଙ୍ଗାନ୍ ସାହେତା ନାଞ୍ଜା । ଆଉଲାନ୍ତି ଚ୍ଚଲାଆୟ୍ଯ ବାଆକୁନ୍ ମାକ୍କାମାନ୍ନୁ ଗୁସାନ୍ ହାରସାଲ୍ ସାରହୁଲ୍ ନା ମେଁନୁ ପୂଜା ନାଞ୍ଜାର । ଆକୁନ୍ ଡାକ୍‌ଲେ ପୂଜା ପାଠ୍‌ନୁ କୁଡ଼ଁଖାର ସାରେ ମାକ୍କାମାନ୍ନେଗୁ ଗୁସାନ୍ ପୂଜା ନାନ୍ନାର୍ ।



ସେ କହିଲା ଝିଅ ତୁମକୁ ଚିନ୍ତା କରିବାର ନାହିଁ ମୁଁ ତୁମକୁ ସାହାଯ୍ୟ କରିବି । ତୁମେ ଡରିବ ନାହିଁ । ରାକ୍ଷସ ଆସିଲେ ହାତକୁ ଧରି କଚ୍ଚଡ଼ିବ ମୁଁ ମଧ୍ୟ ତୁମକୁ ଶକ୍ତି ଦେବି । ଝିଅ ତାହା ହିଁ କଲା ଓ ରାକ୍ଷସକୁ ମାରି ଦେଲା । ସକାଳ ହେବାରୁ ଘରକୁ ଆସିଲା । ସେ ଗାଁର ଦୁଃଖ ସବୁ ଦିନ ପାଇଁ ସମାପ୍ତ ହେଲା । ଏହିପରି ଭଗବାନଙ୍କ ଉପରେ ଭକ୍ତି ଭାବ ରଖିଲେ ଭଗବାନ ବିପଦ ବେଳେ ଭକ୍ତଙ୍କୁ ନିଶ୍ଚୟ ରକ୍ଷା କରନ୍ତି । ଏହି ଦିନରୁ କୁଡୁଁଖ ପରିବାରରେ ଶାଳଗଛ ମୂଳରେ ସବୁବେଳେ ପୂଜା ପାଠ କଲେ ଓ ଯେଉଁ ଦେବୀ ଆବିର୍ଭାବ ହୋଇଥିଲେ ତାଙ୍କୁ ଚ୍ଚଲାମାତା ନାମରେ ନାମିତ କଲେ ।

# ରାଜା କେର ପାରିଓ୍ୱାର
## (ରାଜାଙ୍କ ପରିବାର)

ଗଟେକ୍ ପାରିଓ୍ୱାର ମେ ରାଜା ରାନୀ ଆଉର ତିନଝାନ ବେଟି ମାନ ରାହାଏଁ । ବାଡ଼ ବେଟି କେର୍ ନାମ ରାହେଁ ସିମତରଲା ଆଉର ମାଝଲି କେର ନାମ ରାହେ ମିନୁ ଆଉର ଛୋଟ ବେଟିକେର ନାମ ରାହେ ଟୁନୁ । ପାରିଓ୍ୱାର ସେ ସିମରେଲା କେ ବେସ ନି କାରତ ରାହାଏଁ । ଆଉର ଉକାର ଲୁଗା ଫାଟା ହୁ । ଗୋଟେ ରାହେଁ । ସିମରେଲା ରାନ୍ଧେକ କାମ କାରାତ ରାହାଏଁ, ଯେ ଠାନ ଭାତ, ତିଆନ ରାନ୍ଧାତ୍ ରାହାଏଁ ଅହେ ଠାନ ଶୁତାତ୍ ରାହାଏଁ । ସିମରେଲା କେ ଉକାର ଛୋଟ ବାହିନ ମାନ ବେସ ନି କାରାତ ରାହାଏଁ । ଉକାର ତ ଗୋଟେକ୍ ଲୁଗା ରାହେ ମାଇଲା ହୋଇ ଯାତ ରାହେ । ଉ ଅହେ ଲୁଗାକେ ପିନ୍ଧାତ ରାହେ । ଗୋଟେକ ଦିନ୍ ରାଜା ରାନୀ ଦେଖେକ ଆଲାଏଁ ତ ହୁଆ ବେଶ୍ ବେଶ୍ ରାନୀ ମାନ୍ ରାହାଏ ହାଜାର ରାନୀ ମାନ ଆଏରାହାଏ ଆଉର ସୋବ ମାନ ବେଶ୍ ବେଶ୍ ଲୁଗାପାଟା ପିନ୍ଧକେ ଆଏ ରାହାଏ ।



ଗୋଟିଏ ରାଜ ପରିବାରରେ ରାଜା, ରାଣୀ ଆଉ ତାଙ୍କର ତିନୋଟି ଝିଅ ରହୁଥିଲେ । ବଡ଼ ଝିଅର ନାମ ଥିଲା ସିମରେଲା । ମଝିଆ ଝିଅର ନାମ ମିନୁ ଆଉ ସବୁଠାରୁ ସାନ ଝିଅର ନାମ ଟୁନୁ । ତାଙ୍କ ପରିବାରରେ ସିମରେଲାକୁ କେହି ହେଲେ ଭଲ ପାଉନଥିଲେ । ଯେଉଁଠି ସିମରେଲା ରୋଷେଇ କରୁଥିଲା, ସେଇଠି ଶୋଉଥିଲା । ତାର ଗୋଟିଏ ଶାଢ଼ୀ ଥିଲା, ମଇଳା ହୋଇଥିଲେ ମଧ୍ୟ ସେଇ ଶାଢ଼ୀକୁ ପିନ୍ଧୁଥିଲା । ଦିନକର କଥା, ଜଣେ ରାଜା ରାଣୀଙ୍କ ସହ ଝିଅ ଦେଖିବାକୁ ଆସିଥିଲେ । ସେମାନେ ସବୁ ସୁନ୍ଦର ବସ୍ତ୍ର ପିନ୍ଧି ଆସିଥିଲେ ।

ମିନୁ ଟୁନୁ ମାନ ହୁ ବେଶ୍ ବେଶ୍ ଲୁଗା ପିନ୍ଧକେ ବେଇଠରାହାଏ । ସିମରେଲାତ ରୋଷେଇ କାମ କାରାତ ରାହେ ଆଉର୍ ନି ଯାଇନ ରାହେକି ଆଇଜ ଗୋଟେକ ରାଜା ଆଓ୍ୱାଥାଏଁ କାହିଁକେ । ତୋ ସିମରେଲା ମୁରକ କାନ୍ଦାତ ରାହେ ବେରା ମୁଣା ନାଭି କହଡ଼ା କେର ଗ୍ଲକା ବାନାଏ କେ ଗାଡ଼ିମେ ଆଲାକି ଆଉର ସିମରେଲା କେର ଲାଇନ ଲୁଗା ଆଇନ ଦେଲାକ ଆଉର ଗୋଟେକ ଗ୍ଲଟି ଭି ରାହେ । ଯେକାର ଗ୍ଲଟି ରାହେଁଏ । ଉ ଜାଗା ମେ ହାଜାର ରାନୀ ମାନ୍ ବେଇଟ୍ ରାହାଏଁ । ସିମରେଲା ଗେଲଶହାର ମେ ଗ୍ଲଟି ହାରକେ ଛୋଇଡ଼ ଦେଲାକ ଆଉର ଘାର ଗ୍ଲଇଲ ଆଲାକ୍ ବେରାର ରାଜା ରାନୀ ମାନକେ ପାସାନ୍ଦ ନି କାଇର କେ କାଚ କେର ଗ୍ଲଟି ଜୋଡ଼ା କେ ଖଜେକ ବେରା ତ ମିନୁ ଟୁନୁ ଦୁୟଝାନ ଖିସାଏ ଗେଲାଏ ।



ମିନୁ, ଟୁନୁ ମଧ୍ୟ ସୁନ୍ଦର ବସ୍ତ୍ର ପରିଧାନ କରିଥିଲେ । ସିମରେଲା ରୋଷେଇ କରୁଥିଲା, ଆଉ ସେ ଜାଣି ବି ନଥିଲା କୌଣସି ଏକ ରାଜା ଆସିବେ ବୋଲି । ସେ ଯେତେବେଳେ ଜାଣିଲା ସେ ବହୁତ କାନ୍ଦିଲା । ସେହି ସମୟରେ ଜଣେ ମହାତ୍ମା ଆସି ସିମରେଲାକୁ ହଳେ କାଚର ଚପଲ ଦେଲେ ଓ ଗୋଟିଏ ସୁନ୍ଦର ବସ୍ତ୍ର ଦେଲେ । ସିମରେଲା ସେ ସବୁ ପରିଧାନ କରି ରାଜାଙ୍କୁ ଦେଖା କରିବାକୁ ଗଲା ଓ ସେଠି ତାର ଚପଲ ଗୋଟେ ଭୁଲି ଛାଡ଼ିଦେଇ ପଳାଇ ଆସିଲା । ସେହି ସମୟ ଯାଏ ରାଜା କୌଣସି ଝିଅକୁ ପସନ୍ଦ କରିନଥିଲେ । ହଠାତ୍ ସେହି ସମୟରେ ରାଜାଙ୍କ ନଜର ଚପଲ ଉପରେ ପଡ଼ିଲା । ସେ ଆଉ ଗୋଟିଏ ଚପଲକୁ ଖୋଜିବାରେ ଲାଗିଲେ । ରାଜା ଚପଲକୁ ଖୋଜୁ ଖୋଜୁ ସିମରେଲା ପାଖରେ ଯାଇ ପହଞ୍ଚି ଗଲେ ଓ ଚପଲକୁ ମଧ୍ୟ ପାଇଲେ । ରାଜା ଜାଣି ପାରିଲେ ଚପଲ ସିମ୍ରେଲାର ଥିଲା । ରାଜା ସିମରେଲାକୁ ରାଣୀ କରି ନେବା ପାଇଁ ଚ୍ହାହିଁଲେ ଓ ତାଙ୍କୁ ରାଣୀ କଲେ । ଏ ସବୁ ଦେଖି ମିନୁ, ଟୁନୁ ରାଗିଗଲେ ।

ଲେକିନ ରାଜା ସିମରେଲା କେ ରାନୀ ବାନା ଲାଏଁ ସିମରେଲା ମାନାକ ପାରିଓ୍ୱାର ମେ ବହୁତ ଧାନୀ ରାହାଏ ଲେକିନ ଯେତେ ବେରା ସିମରେଲା କେର ସାଦି କାଇର ଦେଲାଏ ଉମାନ ଗାରିବ ହୋଇ ଗେଲାଏ । ଆଉର ଉମାନ ଭିକ ମାଂଗାତ ରାହାଏଁ ଏକ ଦିନ ଭିକ୍ ମାଗତେ ମାଗତେ ପହେଚ ଗେଲାଏ । ସିମରେଲା ଭିକ୍ ଦେଲାକ ଆଉର ପୁଛଲାକ ବି ତହରେ କାହାସେ ଆହା କାହା ହାଏ ବେରା ଆପାନ ପାରିଚ୍ୟ ଦେଲାଏ, ତୋ ସିମରେଲା କେର ଆୟ୍ ଆବା ଆଉ ବାହିନ ହାରମାନ ରାହାଏ ରାଜା ମାନ ଆଉର ଭେଟ ହଲାଏ ବେର ଉମାନକେ ଖୁସ ଲାଗ୍‌ଲାକ । ଉମାନ ଖୁସିରିଝେ ରାହଲାଏଁ ।



ସିମରେଲାର ବାପଘର ବହୁତ ଧନୀ ଥିଲେ । କିନ୍ତୁ ସିମରେଲାକୁ ବିବାହ କରିଦେବାର ପରବର୍ତ୍ତୀ ସମୟରୁ ସେମାନେ ଗରିବ ହୋଇଗଲେ । ଏମିତି ସମୟ ଆସିଲା ଯେ, ସେମାନେ ଭିକ୍ଷା ମାଗି ପେଟ ପୋଷିଲେ । ଦିନକର କଥା, ଭିକ୍ଷା ମାଗୁ ମାଗୁ ସେମାନେ ଯାଇ ସିମରେଲାର ଘରେ ପହଞ୍ଚିଲେ । ସିମରେଲା ଭିକ୍ଷୁକ ଆସିଛନ୍ତି କହି ଭିକ ଦେଲା ଓ ତାଙ୍କର ପରିଚୟ ପଚ୍ଚରିଲା । ସେ ଜାଣିପାରିଲା ଯେ, ସେମାନେ ଆଉ କେହି ନୁହନ୍ତି ତାର ମା', ବାପା ଓ ଦୁଇ ଭଉଣୀ । ତା'ପରେ ସିମରେଲା ତାଙ୍କୁ ଘରକୁ ଡ଼ାକିନେଲା ଓ ରାଜାଙ୍କ ସହିତ ସାକ୍ଷାତ କରାଇଲା । ତା'ପରେ ସମସ୍ତେ ହସ ଖୁସିରେ ରହିଲେ ।

# ଝୁଠା ସିକ୍ଟା
## (ଠକାମିର ଫଳ)

ଜାଙ୍ଗାଲ୍ ମାଝିନୁ ସିଂ ହି ଲାତା ରାହ୍ଚ । ଲାତାନୁ ମାଇସିଂ ରାଆଲିଆ । ତାଂଗ୍ହାଏ ତିନ୍ଠୁ ଖାଦ୍ଦ ରାହ୍ଚ । ତାଗିଂଓ ସିଂ ରୋଜଦିନ୍ ଖାଦ୍ଦାରିନ୍ ପାଇରିମ୍ ଦୁଧ୍ ଉନ୍ତି । ଆଉର୍ତାନ୍ ଆହଡ଼ା ବେଦ୍ଦାଗେ କାଇ । ଜାଙ୍ଗାଲ୍ନୁ କୁଦ୍ଦା କୁଦ୍ଦା ଆହଡ଼ା ବିଦ୍ଦି ଆହଡ଼ା ହା-ଖାର୍କୁନ୍ ତାନ୍ ମୁଖ୍ ଆଉର୍ ଖାଦ୍ଦାର୍ଗେ ଉନ୍ଦ୍ରି । ଇଦ୍ ତାଙ୍ଗହାଏ ରୋଜଦିନ୍ ତା ନାଲାଖ୍ ହିକେ । ଉନ୍ଦୁଲ୍ ଅଣ୍ଟେ ସିକ୍ଟା ବାଣ୍ଡୋ ମାଇଆ ଅକ୍କାକି ବାରଚ । ବାଣ୍ଡୋ ହିଁ ଖେଁସେର୍ନୁ ଘୁଘୁରି ଟାଙ୍ଗଚ୍ କାରାହଚ । ବାଣ୍ଡୋ ଏକ ବାରି ଛୁନୁର୍ ଛୁନୁର ସାଡ଼ ଡ଼ାଲିଆ । ସିକ୍ଟା ସିଂଲାତା ହେଢେ ଆଣସିଆ । ସିଂ ଖାଢୋ ଗୁଠିର୍ ଛୁନୁର୍ ଛୁନୁର୍ ଶାବାଦ୍ ମେନାକି ଇଲ୍ ଚିଆର୍ କେରାର । ସିକ୍ଟା ଖାଦ୍ଦ ଗୁଠିନ୍ ବାଚା - ନିଂଗିୟ ନିମାର୍ ଏସାନ୍ କେରାର୍ ?



ଜଙ୍ଗଲ ମଝିରେ ଗୁମ୍ଫାଟିଏ । ସେହି ଗୁମ୍ଫାରେ ବାଘୁଣୀ ରହୁଥିଲା । ବାଘୁଣୀର ତିନୋଟି ଛୁଆ ଥିଲେ । ବାଘୁଣୀ ସବୁଦିନ ସକାଳେ ଛୁଆମାନଙ୍କୁ କ୍ଷୀର ପିଆଇଥାଏ । ଏହାପରେ ଶିକାର ପାଇଁ ବାହାରିଯାଏ । ଫେରିବା ସମୟର ବିଳମ୍ବ ହେତୁ ସେ ଗୋଟିଏ ପାତ୍ରରେ କ୍ଷୀର ରଖି ଦେଉଥାଏ । ଜଙ୍ଗଲ ଭିତରେ ଜୀବଜନ୍ତୁ ଖୋଜେ । ଜୀବଜନ୍ତୁ ମିଳିଲେ ଶିକାର କରି ଖାଏ ଓ ଛୁଆ ମାନଙ୍କ ପାଇଁ ନେଇ ଆସେ । ଏହା ହେଉଛି ବାଘୁଣୀର ନିତିଦିନିଆ କାମ । ଦିନେ ଗୋଟିଏ ବିଲୁଆ, ବଣ ବିରାଡ଼ି ପିଠିରେ ବସି ସେହି ବାଟ ଦେଇ ଆସୁଥାଏ । ବଣ ବିରାଡ଼ି ବେକରେ ଘୁଙ୍ଗୁର ବନ୍ଧା ହୋଇଥିଲା । ଚାଲିଲା ବେଳେ ଛୁନୁନ୍ ଛୁନୁନ୍ ଶବ୍ଦ ଶୁଣି ବାଘୁଣୀ ଛୁଆମାନେ ଡ଼ରିଗଲେ । ବିଲୁଆ ଯାଇ ସେହି ଗୁମ୍ଫା ପାଖରେ ପହଞ୍ଚିଲା । ସେ ଛୁଆ ମାନଙ୍କ ପାଖକୁ ଯାଇ କହିଲା - ଏ ବାବୁମାନେ ତମ ବାପା ମା କୁଆଡ଼େ ଗଲେ ?

ଏଘାଂଏ ନିଂଗିୟ ନିଶ୍ବାର ଏଡ଼୍‌ପାକୁ ରାଆଜାର କାଏଁ ନିଂଗିୟ ନିଶ୍ବାର ଗୁସ୍‌ତେ ପାଇଁଚା ଅନ୍ଦରକାର୍ ନାର୍ । ସିଂ ଖାଦ୍ଦ ଗୁଠିର୍ ଏଲଚା ଏଲ୍‌ଚା  ବାଚାର୍ ମ ହାରାଜ୍ ଇଙ୍ଗିୟ ଏମ୍‌ବାର ଜାଂଗାଲ୍ କେର୍‌କା ନାର୍ । ସିକ୍‌ଟା ବାଚା - ନିମ୍‌ହାଏ ଏଡ଼ପାନୁ ଏନ୍ଦରା ରାଇ ଅନ୍ଦରା । ଖାଦ୍ଦ ଗୁଠିର୍ ବାଚାର୍ ଏନ୍‌ଦରା ହୁଁ ମାଲ୍‌ଲା ମହାରାଜ୍ । ଖାଲି ଦୁଧି କାଟିକୁନା ରାଇ । ସିକ୍‌ଟା ଦୁଧିନ୍ ନେଚା ଆଉର୍ ଉଣ୍ଡିଚା । ଆଉଲ ତେକୁମ୍ ରୋଜ୍ ସିକ୍‌ଟା ଖାଦ୍ଦାର୍ ଗୁସ୍‌ତେ ଦୁଧି ଠାକ୍‌ଆ କି ଉନି ।

ଖାଦ୍ଦ ଗୁଠିଆର୍ ଡ଼ାର୍‌ହେ ଟାଗିଂଅନ୍ ମାଲ୍ ଟିଂଗିଆର୍ । ଏଅଁନ୍ଦା ଉଲ୍‌ଲ ଏନ୍‌ନେମ୍ କେରା । ଟାଙ୍ଗିୟ ସିଂ ଇରିଆ, ଖାଦ୍ଦ ଗୁଠିର୍ ଦୁବ୍‌ଲା ପାତ୍‌ଲା ମାଞ୍ଜାର କେରାର ଆଉର୍ ଦାର୍ ମାରା ବେଶେ ଏଥର ଲିୟାର୍ । ଟାଙ୍ଗିୟ ସିଂ ଖାଦ୍ଦ ଗୁଠିନ୍ ମେଞ୍ଜା - ନିମ୍ ଏନ୍ଦେର୍ ମାଞ୍ଜ କିରାଇ ? ଖାଦ୍ଦ ଗୁଠିର୍ ବାଚାର୍ - ଆୟୋ, ରୋଜ୍ ଅରତସ୍ ବାରଆକି ନିଂଗାନ୍ ବେଦ୍‌ଦାସ୍’ । ଟାଙ୍ଗିୟ ସିଂ ମେଞ୍ଜା ଏନ୍ଦେର୍ ବାଦାସ୍ । ଖାଦ୍ଦ ଗୁଠିର ବାଚାର୍ - ନିନ୍ ଟାଂଘାଏ ଗୁସ୍‌ତେ ପାଇଁ ଚା ଉନ୍ଦର୍ କି ଦିନ୍ ପାରେ ?



ତୁମ ବାପା ମା’ ଘରେ ଅଛନ୍ତି କି ? ସେମାନେ ମୋ ଠାରୁ ଧାର ନେଇଛନ୍ତି । ବାଘୁଣୀ ଛୁଆମାନେ ଡ଼ରି ଡ଼ରି କହିଲେ, ଆମର ବାପା ମା ଜଙ୍ଗଲ ଯାଇଛନ୍ତି ମହାରାଜ । ବିଲୁଆ କହିଲା-ତମ ଘରେ କ’ଣ ଅଛି ଆଣ । ଛୁଆମାନେ କହିଲେ, ଘରେ କିଛି ନାହିଁ ମହାରାଜ । ମା କେବଳ ଆମ ପାଇଁ କ୍ଷୀର ଟିକେ ରଖି ଦେଇଛନ୍ତି । ବିଲୁଆ କହିଲା ଆଣ ସେଇ କ୍ଷୀର ତାକୁ ମୁଁ ପିଇବି ।

ଏହିପରି ତିନି ଚାରି ଦିନ ବିଲୁଆ ଠକି ଠକି କ୍ଷୀର ପିଇଲା । ଛୁଆମାନେ ଭୟରେ ମା’ଙ୍କୁ କିଛି କହନ୍ତି ନାହିଁ । କିଛି ଦିନ ପରେ ବାଘୁଣୀ ଦେଖିଲା, ପିଲାମାନେ ଆଉ ଚଞ୍ଚଳ ଦେଖାଯାଉ ନାହାଁନ୍ତି । ଛୁଆ ମାନଙ୍କୁ କ’ଣ ହୋଇଛି ପଚାରିଲା । ଛୁଆମାନେ କହିଲେ - ମା ଜଣେ ଆସି ତମ କଥା ପଚାରେ । ବାଘୁଣୀ - କ’ଣ ପଚାରେ ? ତୁମେ ତାଙ୍କ ଠାରୁ ଧାର ଆଣିଛ ପରା ।

ଆସ୍ ଏମାନ୍ ଏଲେକ୍-ତାକି ଯାତେ ଦୁଧ୍‌ନ୍ ଅନ୍‌ଦାସ୍ ଚିଇଦାସ୍ । ଖାଦ୍ଧାର ହି କାଥ୍‌ଥା ମେନାକି ଟାଙ୍ଗିୟସି  କାଏରାରା କେରା ।ନେ ହିକେ ଏରନ୍ ବାଆକି ଝୁଣ୍‌ନୁ ନୁଖୁରା  । ଇବେଡ଼ାନୁ ସିକ୍‌ଟା ବାଣ୍ଡୋ ମାଇଁଆ ଅକ୍‌କା କି ବାର୍‌ଗ୍ଲ । ଟାଙ୍ଗୀୟ ସିଂ ସିକ୍‌ଟାନ୍ ଇରିଆ । ସିକ୍‌ଟାନ୍ ପାର୍‌ମାଗେ କୁଦାବାଗ୍ଲ । ସିକ୍‌ଟା ଡ଼ାର୍‌ହେ ବାଣ୍ଡୋନ୍ ଦୁଇ ଗ୍ଭବୁକ୍ ଚିଚ୍‌ଗ୍ଲ । ବାଣ୍ଡୋ ଜୋର୍‌ସେ ବଂଗା । ଖ’ଖା ଖ’ଖା ଢାଙ୍ଗିୟ ସିଂ କୁଦାବାଗ୍ଲ । ଡାହରେନୁ  ତୁଉସା ଅଣ୍ଟେ ରାହ୍‌ଗ୍ଲ । ବାଣ୍ଡୋ ଡ଼ାର୍‌ହେ ତୁଉସାନ୍ ଏରାପାଲ୍‌ଲା । ବାଣ୍ଡୋ  ସିକ୍‌ଟା ଦୁଇୟୋ ତୁଉସାନୁ ଖାତରାର୍ କେରାର୍ ।



ଛୁଆମାନେ କହିଲେ ତୁମେ ତା ପାଖରୁ ଧାର ଆଣିଛ ବୋଲି କହେ । ଆମକୁ ଡ଼ରାଇ ଦୁଧ ସବୁ ପିଇ ଦେଇଯାଏ । ବାଘୁଣୀ ବହୁତ ରାଗିଗଲା । ତାକୁ ପାନେ ଦେବାପାଇଁ ଛକିଲା । କିଛି ସମୟ ପରେ ବିଲୁଆ ବଣ ବିରାଡ଼ି ପିଠିରେ ବସି ଆସିଲା । ବାଘୁଣୀ ବିଲୁଆକୁ ଦେଖିଲା । ବିଲୁଆକୁ ମାରିବା ପାଇଁ ଗୋଡ଼ାଇଲା । ବିଲୁଆ ବଣ ବିରାଡ଼ିକୁ ଦୁଇ ଗ୍ଭବୁକ ଦେଲା । ବଣ ବିରାଡ଼ି ଯୋର୍‌ରେ ଦୌଡ଼ିଲା । ବାଘୁଣୀ ଧର ଧର ମାର ମାର କହି ଗୋଡ଼ାଇଥାଏ । ପ୍ରାଣ ଭୟରେ ବଣ ବିରାଡ଼ି ଜୋର୍‌ରେ ଧାଇଁଲା । ବାଘୁଣୀ ପଛେ ପଛେ ଗୋଡ଼ାଇଥାଏ । ବାଟରେ ଗୋଟିଏ କୂଅ ପଡ଼ିଲା । ବଣ ବିରାଡ଼ି ତାହା ଦେଖିପାରିଲା ନାହିଁ । ବଣ ବିରାଡ଼ି ଓ ବିଲୁଆ ସିଧା ଯାଇ  କୂଅରେ ପଡ଼ିଲେ ।

# ସୋହେରାଇ
## (ସୋହରାଇ)

ସୋହେରାଇ ପରାବ୍ କୁଡୁଖାର ହି ଅଣ୍ଡେ କହାଁ ପାରାବ୍ ହିକେ । ଇ ପାରାବ କ୍ଷେତିବାରି ବିଷୟ ନୁଭିମାନି । ଇ ପାରାବ୍ କାର୍ତ୍ତିକ ମାସନୁ ମାନି । ଇ ପାରାବ୍ ନୁ କୁଡୁଁଖାର ଗାଏ ଆଡ୍ଡୋ ପାଶୁ ଧାନ୍ ହି ପୂଜା ନା ନ୍ନାର । ଏମ ହାଏଁ କୁଡୁଁଖାରହି ଚାଷ ମୁଖିଆ ଜୀବିକା ହିକେ । ଗହଲା ଫୁନ୍ଦ୍‌ଆଗେ ଆଡ୍ଡୋ ବ୍ୟବହାର ନା ନ୍ନାର । ଇଦି ଗେ ଆଡ୍ଡୋନ ପୂଜା ନା ନ୍ନାର । କାର୍ତ୍ତିକ ମହିନା ନୁ ଚେଁପ୍ ପୁ୍ୟାଁନବାନ୍ଦ ମାନିକାଇ ମହିନାନୁ ଖେସ୍ ଖଯ୍ଯା ନ ସୁରୁମାନି ।



ସୋହରାଇ ଓରାଓଁ ଆଦିବାସୀ ମାନଙ୍କର ବଡ଼ ପର୍ବ ଅଟେ । ଏହି ପର୍ବ ମଧ କୃଷି ସମ୍ବନ୍ଧିତ ଅଟେ । ଏହା କାର୍ତ୍ତିକ ଅମାବାସ୍ୟା ଦିନ ପାଳନ କରାଯାଏ । ଏହି ପର୍ବରେ ଓରାଓଁ ମାନେ ତାଙ୍କର ପଶୁ ଧନର ସୁରକ୍ଷା ପାଇଁ ପୂଜା କରନ୍ତି । ଓରାଓଁ ଜନଜାତିଙ୍କ ମୁଖ୍ୟ ପେଷା କୃଷି ଅଟେ । ତାଙ୍କର ଆର୍ଥିକ ଜୀବନ କୃଷି ଉପରେ ନିର୍ଭର କରେ । କୃଷିକାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ନିଜର ପାଳିତ ପଶୁଙ୍କ ପ୍ରତି ଭରସା ଥାଏ । ଏଥିପାଇଁ ଏହାଙ୍କୁ ପୂଜା କରାଯାଇଥାଏ । କାର୍ତ୍ତିକ ମାସ ସୁଦ୍ଧା ବର୍ଷା ସମାପ୍ତ ହୋଇଯାଏ । ବିଲରେ ଫସଲ ପ୍ରସ୍ତୁତ ହେବାକୁ ଲାଗେ ଏବଂ କିଛି ଫସଲ ଅମଳ କରିବା ଆରମ୍ଭ ହୋଇଯାଏ ।

ଇ ସାମାୟନୁ ସୋହାରାଇ ପାରାବ୍ ମାନାଗେ ସୁରୁମାନି । ହରମାର ତାହ୍ମାଏ (ତାମ୍ହାଏ) ଏଡ଼୍ପା ପାଲି ସଫା ସୁତରା ନା ନ୍ନାର । ସୋହାରାଇ ପାରାବନୁ ଆଡ୍ଡୋ ବାଛରୁନ୍ ଏମ୍ତା କୁନ୍ ପୂଜା ନା ନ୍ନାର । ପାରାବ ଉଲ୍ଲା ମାସି ତିଖିଲ୍ ବିଓ୍ଵାଆକୁନ ଆଡ୍ଡୋ ବାଛୁରାନ ମଅଖାଗେ ଚିଇନାର । ଇଦିକେ ଆଡ୍ଡୋ ବାଛୁରାନ୍ ବିପଦ ମାଲମାନାଗେ ବାରୋୟା ଦେବିନ୍ ପୂଜା ନ୍ନା ନାର ।



ଏହି ସମୟ ମଧ୍ୟରେ ଲୋକମାନେ ସୋହେରାଇ ପର୍ବର ପ୍ରସ୍ତୁତି ଆରମ୍ଭ କରିବାରେ ଲାଗି ପଡନ୍ତି । ସମସ୍ତେ ନିଜ ନିଜ ଘରକୁ ଲିପି ପୋଛି ସୁନ୍ଦର କରନ୍ତି । ସୋହରାଇ ପର୍ବ ଦିନ ଘରର ପଶୁଙ୍କୁ ଗାଧୋଇ ସଫା କରାଯାଏ ଏବଂ ଏହାର ଶୃଙ୍ଗାର କରାଯାଏ । ସବୁ ପଶୁଙ୍କ ମଥାରେ ଏବଂ ଶିଙ୍ଗରେ ତେଲ ଓ ହଳଦୀ ବୋଳାଯାଏ । ତାଙ୍କର ରହିବା ସ୍ଥାନକୁ ସଫାସୁତରା କରି ଧୂପଝୁଣା ଦିଆଯାଏ ସେମାନେ ତାଙ୍କ ପଶୁ ପକ୍ଷୀ ମାନଙ୍କୁ ବିଭିନ୍ନ ରୋଗ ବିପଦରୁ ରକ୍ଷା ପାଇଁ ବାରୋୟା ଦେବୀଙ୍କୁ ପୂଜା କରନ୍ତି ।

# ସିରାସିତା ନାଲିନୁ (ସିରାସିତା ନାଲାରୁ)
## (ସୃଷ୍ଟି କଥା)

ଉନ୍ଦୁଲ ଧାର୍ମେ ଆବାସ ଶିରଜାନ ଆଝୋଘି ପାବେନୁ କାନାନ ଏରଦାସ ଆଉର ଆଝାଘି କିରର ବାରି ମେନ୍ଦାସ । ଯେ ନିନ୍ ଏକସାନ ରୋଜ କାଦିନ୍ ଏଙ୍ଗାନ ଢେଙ୍ଗାଏ ? ଧାର୍ମେ ଆଝୋ ମାଲ ଢେଙ୍ଗନ ଏନ୍ ନିଙ୍ଗାନ ଏଦନ୍ । ଏର୍‌ନା କାତ୍‌ଥା ମେନାଖୁନ ଧାର୍ମେ ଆଝୋ ଇନ୍‌ନ୍‌ନା । ମାଲା ନେଲା ଏ ଦନ୍ । ଦୋସରା ଉଲ୍ଲା ପାଇରିମ୍ ବିଡ଼ି ଆରଗାନା ବେଡ଼ାନୁ ଧାର୍ମେ ଆଝୋ ଏରାକାଇ । ଦୁଝୋ ଖାଦାରିନ୍ ପାକିଆକିରି ଉନ୍ଦୁରିଇ । ଧାର୍ମେ ଆବାସ୍ ମାନଓ୍ବା ଖାଦ୍ଧାରିନ୍ ଏରାଖୁନ ଚିହ୍ନାଦାସ୍ । ଦୁଝୋ ଖାଦ୍ଧାରିନ ଆଶିର୍ବାଦ ଚିଦାସ୍ । କାଲା ମାଇଝା ବାବୁ ଏଘଂାଏ ଦୋଷାନ୍ ନଡ଼କେ । ଏଘଂାଏ ବିଗଡ଼ା ବାଚକାନ କାମକେ ଆଉର ଦୁନିଆନୁ ଭାରପୁର ନିନ୍ଦକେ । ବାଆନା ପାଛେ ଧାର୍ମେସ୍ ମାଡ଼ଓ୍ବା କା ମଆଗେ ପେସ୍‌ଦାସ୍ । ବାବୁସ୍ ମାଡ଼ଓ୍ବା (ଝାମଡ଼ା) କାମ୍‌ଦାସ, ମାଝା ହୁରମି ଜୀବଜନ୍ତୁ, ଅଡ଼ାନ ମେଖାଖୁନ ଉନ୍ଦୁରି ।



ଦିନେ ଶିବ, ପାର୍ବତୀଙ୍କୁ ଯିବା ବାଟରେ ଦେଖିଥିଲେ ଆଉ ଫେରିବା ସମୟରେ ପଚାରିଲେ ତୁମେ ସବୁଦିନେ କେଉଁଠାକୁ ଯାଅ ମୋତେ ବତାଅ ? ପାର୍ବତୀ କହିଲେ ତୁମକୁ ବତାଇବି ନାହିଁ ଦେଖାଇବି । ଆଜି ନୁହେଁ କାଲି ଦେଖାଇବି କହିଲେ । ପରଦିନ ସୂର୍ଯ୍ୟ ଉଦୟ ହେବା ସମୟରେ ପାର୍ବତୀ ଦେଖିବା ପାଇଁ ଗଲେ ଓ ଦୁଇଟି ଛୁଆକୁ କାଖେଇକି ଆଣିଲେ । ଶିବ ଭଗବାନ ମନୁଷ୍ୟ ଛୁଆକୁ ଦେଖି ପରିଚୟ ପଚାରିଲେ ଓ ଉଭୟ ଛୁଆଙ୍କୁ ଆଶିର୍ବାଦ ଦେଲେ । ଯାଅ ବାବୁ ମୋର ଦୋଷକୁ ଧୋଇବ । ମୋର ବିଗିଡି ଯାଇଥିବା କାମକୁ ଦୁନିଆରେ ଭରପୂର କରିବ । ଏହା କହିବା ପରେ ଶିବ ଭଗବାନ ସେମାନଙ୍କୁ କୁଡ଼ିଆ ବନାଇବା ପାଇଁ କହିଲେ । ପୁଅ କୁଡ଼ିଆ ତିଆରି କଲା । ଝିଅ ସବୁ ଜୀବଜନ୍ତୁ, ପକ୍ଷୀ ମାନଙ୍କୁ ଡାକି ଆଣିଲା ।

ହୋରମାର ଝାମଡ଼ାନୁ ଅକ୍‌ନାର, ଝାମଡ଼ା କିୟା ମାଲ୍ ସାମଗ୍ରର । ଆବଡ଼ାର ହୁର୍ମି ଉଲ୍ଲା ଆରଘି ସାଙ୍ଗେମ୍ ରାଆଗେ ଧାର୍ମେ ଆବାସ ଏରଦାସ । ମାଡ଼ୱା ମାଟିନୁ ମାକ୍ଖା ମାନ୍ନ ରାଆନା ଲେଖେ ମାଡ଼ୱା କାମଦାସ୍ । ମାଖା ଚନ୍ଦ ବିଲ୍ଲିନୁ ଦୁଓ୍ୟୋ ମାଇୟା ବାବୁରିନ୍ ଧାର୍ମେ ଆୟୋହି କରାନୁ ଆକ୍‌ତା ଦାସ୍ । ବାରା ଶିରିହିରି ଢ଼ୋଡ଼ା ଆମନୁ ଏମତାଦାସ୍ । ଆଦି ପାଛେ ଦୁଓ୍ୟୋ ଝାନାରିନ୍ ଶିରଜାନ ଆୟୋନ ଇସୁଙ୍ଗ ନାଲ୍‌ବାଗେ ଆନଦାସ । ଆୟୋ ଦୁଓ୍ୟୋଖାଦ୍ଧାରିନ ଇସୁଙ୍ଗ ନାଲବାଖୁନ ବା-ଗି ଚିଇ ଆଉର୍ ଅନ୍‌ତି ମୁଖ୍‌ତି ଆଉର ନୁଣି ମୁଝିରି । ଆଦି ପାଛେ ଦୁଓ୍ୟୋ ଝାରିନ୍ ଧାର୍ମେ ଆବାସ ଗୁସାନ ଭେଟ୍ ନାନାଗେ ତା-ୟି । ଦୁଓ୍ୟୋ ଖାଦ୍ଧାରିନ ଧାର୍ମେ ଆବାସ୍ ଆଶିର୍ବାଦ ନାନ୍ଦାସ୍ । ଧାରତୀନୁ ଦୁଓ୍ୟୋ ଝାନାରିନ୍ ଅନ୍‌ଗୁସାନ ଭଜ୍ଜା ବିଜ୍ଜାଗେ ସାଙ୍ଗେ ନାନାଗେ ଡେଙ୍ଗ୍‌ଦାସ୍ । ଇଦିନ୍ ଇନ୍ନା . . . । ଆଦିନ୍ ନେଲା . . . । ପାଛେ ନେଲ ବେଞ୍ଜା . . . । ସାଫା ନାନ୍‌ନା ପାଛେ ଏଙ୍ଗାନ ଡେଙ୍କେ । ଦୁଓ୍ୟୋ ଖାଦ୍ଧାର ଟଣାଙ୍ଗାନ ସାଫା ନାଞ୍ଜାର ଧାରତୀନ କଡ଼ାଖସା ନାଞ୍ଜାର୍ ଧାର୍ମେସିନ ମେନ୍‌ନାର, ଆଉର ଏନ୍ଦେର ନାନମ୍ ଆଦିନ୍‌ଡେଙ୍ଗା । ଧାର୍ମେ ଆବାସ ମିଞ୍ଜୁର ଅଡାଘି 'ବି' ଅନ୍ଦ୍ରା ତାଇନ୍ଦାସ ଲେକିନ ବୁଢ଼ୀ ମିଞ୍ଜୁର ହି 'ବି' ହଆଗେ ମାନାନାନି । ଖାନେ ଖିସାରଆଖୁନ ଧାର୍ମେ ଆବାସ ମିଞ୍ଜୁରବନ ସାରାପ ନାନଦାସ୍ । କାଲା ଇନ୍ନାତଲେ ନିମହାଏ ଦୁଓ୍ୟୋ ଝାନାର ହି ମିଲାନ୍ ମାଲମାନ । ଆଦି ପାଛେ ଧାର୍ମେ ଆବାସ ଖେର୍ 'ବି' କିରୋଡାଣ୍ଡା ଅନ୍ଦ୍ରା ତାଇଦାସା ।

ସମସ୍ତେ କୁଡିଆ ତଳେ ବସିଲେ, କୁଡିଆରେ ଜାଗା ଅଣ୍ଟିଲା ନାହିଁ । ସେମାନେ ସବୁଦିନ ସାଙ୍ଗରେ ରହି ଧର୍ମର ବାପାଙ୍କୁ ଦେଖନ୍ତି । କୁଡ଼ିଆ ମଝିରେ ଶାଳ ଗଛ ଥିବା ପରି କୁଡ଼ିଆ ତିଆରି କଲେ । ରାତି ଚନ୍ଦ୍ରର ଆଲୁଅରେ ଦୁଇଝିଅ ପୁଅକୁ ପାର୍ବତୀ ମାଆଙ୍କ କୋଳରେ ବସାନ୍ତି । ତା'ପରେ ଶିରିହିରି ଖାଳର ପାଣିରେ ଗାଧୋଇ ଦିଅନ୍ତି । ତା'ପରେ ଉଭୟଙ୍କୁ ଜନ୍ମକର୍ତ୍ତା ମା ତେଲ ମଖାଇବା ପାଇଁ ଆଣନ୍ତି । ପାର୍ବତୀ ମା ଉଭୟ ଛୁଆଙ୍କୁ ତେଲ ମଖାନ୍ତି କୁଣ୍ଡାଇ ଦିଅନ୍ତି ଆଉ ଖୁଆନ୍ତି, ପିଆନ୍ତି ଆଉ ଧୋଇ ଦିଅନ୍ତି । ତା'ପରେ ଉଭୟଙ୍କୁ ଶିବ ଭଗବାନଙ୍କ ପାଖକୁ ଭେଟ ହେବା ପାଇଁ ପଠାନ୍ତି । ଉଭୟ ଛୁଆଙ୍କୁ ଶିବ ଆଶିର୍ବାଦ ଦିଅନ୍ତି । ତାପରେ ପୃଥିବୀରେ ଉଭୟ ଜଣଙ୍କୁ ଗୋଟିଏ ଜାଗାରେ ସଫାସୁତୁରା କରି ରହିବା ପାଇଁ କହନ୍ତି । ଆଜି ଗୋଟିଏ . . . । କାଲି ଗୋଟିଏ . . . । ପରଦିନ ଗୋଟିଏ . . . । ସଫା କରିବା ପରେ ମତେ ବତାଇବ, ଉଭୟ ଛୁଆ ବତାଇଲେ, ଜଙ୍ଗଲ ସଫା କଲେ । ତା'ପରେ ଧରତୀକୁ ଖୋସାକୋଡ଼ା କରିଲେ । ଶିବଙ୍କୁ ପଚ୍ଚରିଲେ, ଆଉ କ'ଣ କରିବା ବାପା ବତାଅ । ଶିବ ଭଗବାନ ମୟୁର 'ଅଣ୍ଡା' ଆଣିବା ପାଇଁ ପଠାନ୍ତି କିନ୍ତୁ ମାଈ ମୟୁର 'ଅଣ୍ଡା' ଦେବାପାଇଁ ମନା କରନ୍ତି । ବେଳେ ଶିବରାଗିକି ମୟୁରକୁ ଅଭିଶାପ ଦିଅନ୍ତି । ଯାଅ ଆଜିଠୁ ତୁମର ମିଳନ ହେବ ନାହିଁ । ' ତା'ପରେ ଶିବ ଭଗବାନ ମାଈ କୁକୁଡ଼ାର 'ଅଣ୍ଡା' ଭେଲୱାଁ ଡାଲ ଆଣିବାକୁ ପଠାନ୍ତି ।

ଖେର ଆଲଖା ଆଲଖା ବି ଟିଡଇ । ଆଉଲତେକ ଖେର୍ ବିଜିନା ବେଡାନୁ ଆଲଖି । ଧାର୍ମେ ଆବାସ କିରୋଡାଣ୍ଡା ଆଭର୍ 'ବି', ମାକ୍କା ଆତଖାନୁ ଝକ୍‌ଦାସ । ଧାରତୀନ ସେଓ୍ୱା ପୂଜାଗେ ଦେଓଣା ଅକଦାସ୍ ଧାରତୀନ ଏଗ୍‌ଦାସ୍ । ଆଦି ପାଛେ ଧାରତୀନ୍ ସୁନ୍ଦାର ରାଙ୍ଗ ବିରାଙ୍ଗ ହିକାମ୍‌ଦାସ୍ । ଆଭରା ଚିହ୍ନା ମାଝିନୁ ଅନ୍‌ଟା ଢ଼େଲକା ଖାଜ ଉଇଦାସ୍ । ଦୁଝୋ ଖାଦ୍ଧାରିନ ହେଢେ ଅକତା ଦାସ୍ ଆଉର ଗ୍ରଷ ନାନାଗେ ବାତା ବା ଆଦାସ । ସେଓ୍ୱା ପୂଜା ମଂଜୁରକା ପାଛେ ଦୁଝୋ ଖାଦ୍ଧାରଗେ ଡେଲକାନ ଚିଆ କି ବାଦାସ୍ । ଇ ଖାଜ୍ଜାନ ନିମହାଏ ଖାଲ୍ଲନୁ ଗୁଣ୍ଡା ନାନାଖୁର ହୁରମି ତାରା ଛିଟିକେ । ଆଦି ଘି କୁଛ ଉଲ୍ଲା ପାଛେ ଖେସ୍‌ସେ, କେଦାନ, ଗୁଡଲୁ, ଅଣସଗା, ମାସି, ରାହାଡ଼ି କୁନ୍ଦିଆ । କୁଛ ଉଲ୍ଲା ପାଛେ ହୁରମି ତାରା କ୍ଷେତି ପାନା ହେଲ୍‌ରା ଆଉର ଢାଙ୍ଗା ରାଙ୍ଗାନ ବାଦଲାର୍‌ସ । ବାଦଲାରକା ଏରାଖୁନ୍ ଦୁଝୋ ଖାଦ୍ଧାରଧାର୍ମେ ଆଝୋ ଆବାରିନ ତେଙ୍ଗନାର । ଆରଖାଦ୍ଧାରିନ ଗୁଡଲୁ ସି କୁଛ ବାଇଲ ଆନ୍ଦ୍ରାଗେ ଟାଇନାର ଆଉର ଡାଣ୍ଡା ଖାଟାଖୁର୍ ପୁନା ଅନ୍‌ନାର । କୁଛ ଉଲ୍ଲା ହି ପାଛେ ଖେସ୍‌ମାନି ଖାନେ ଖାଦ୍ଧାର ଆଉୁର ଢେଙ୍ଗନାର ଆଲେ ଖେସ କୁଛ ଖେସ୍ ଘି ବାଇଲ ଅନ୍ଦରାଗେ ତୋସନାର ଆଉର ଡିଣ୍ଡାକାସରି ତାର୍ଯ୍ୟି ଧରା ଅନ୍ଦ୍ରାଖୁର ଦୁଝୋ ଖାଦ୍ଧାରିନ ବୁଝାବାଗେ ହେଦେ ମେଖଦାସ । ଦାରା କ୍ଷେର ଆବନ ଏଡ୍ ବେଦାସ ଆଉର "ଖେଁସନ" ଏଦାଖୁନ ତେଙ୍ଗଦାସ ଏକାଉଲ୍ଲା ଖେଁସ ଲେଖେ ଖେସଆବତ ଏଥର ଆଉଲା ଖେସମାନନ ଖାଣ୍ଡକେ ।

କୁକୁଡ଼ା ହସି ହସି ଦେଲା । ସେହି ଦିନ ଠାରୁ କୁକୁଡ଼ା ଅଣ୍ଡା ଦେବା ସମୟରେ ହସେ । ଶିବ ଭଗବାନ ଭେଲଓ୍ୱାଁଡାଲ ଆଉ ଅଣ୍ଡା, ଶାଳ ପତରରେ ଛିନନ୍ତି ତା'ପରେ ଧରତୀ ସେଓ୍ୱା ପୂଜା ଲାଗି ପୂଜକ ବସାନ୍ତି । ତାପରେ ଧରତୀକୁ ଲିପନ୍ତି । ତାପରେ ସୁନ୍ଦର ରଙ୍ଗ ବିରଙ୍ଗର ଚିହ୍ନା କରନ୍ତି ଆଉ ଚିହ୍ନା ମଝିରେ ଗୋଟିଏ ଢେଲା ମାଟି ରଖନ୍ତି । ଆଉ ଉଭୟ ଛୁଆଙ୍କୁ ପାଖେ ବସାନ୍ତି । ଏବଂ ଗ୍ରଷ କରିବା ପ୍ରଣାଳୀ ବୁଝାନ୍ତି । ସେଓ୍ୱା ପୂଜା ସରିଲା ପରେ ଉଭୟ ଛୁଆଙ୍କୁ ଢେଲ ଦିଅନ୍ତି । ଢେଲକୁ ଗୁଣ୍ଡ କରି କ୍ଷେତର ସବୁଆଡ଼େ ଛିଞ୍ଚିବାକୁ କହିଲେ । ତା କିଛି ଦିନ ପରେ ଧାନ, ମାଣ୍ଡିଆ, ଗୁଲଜି, କୋଳଥ, ବିରି, ହରଡ଼ ଗଜା ହେଲା । କିଛି ଦିନ ପରେ ସବୁଆଡ଼େ ଫସଲ ପାଚି ରଙ୍ଗ ବଦଳିଲା । ବଦଳିବାର ଦେଖିକି, ଶିବ ପାର୍ବତୀଙ୍କୁ କହନ୍ତି ଏହି ସମୟରେ ଛୁଆ ମାନଙ୍କୁ ଗୁଲଜିର କିଛି କାଣ୍ଡକୁ ଆଣିବା ପାଇଁ ପଠାନ୍ତି, ଆଉ ଭେଲଓ୍ୱା ଡାଲ ଆଣି ନୁଆ ଖାଇବା ପାଇଁ କହନ୍ତି । କିଛିଦିନ ପରେ ଧାନପାଚେ । ପିଲାମାନେ ପୁଣି ଯାଇ ଶିବଙ୍କୁ ଜଣାନ୍ତି । ଶିବ ସେମାନଙ୍କୁ ଧାନ କେଣ୍ଡା ଆଣିବାକୁ କୁହନ୍ତି ଏବଂ ଲାଲ ରଙ୍ଗର କୁକୁଡାକୁ ଧରି ଆଣି ଦେଖାନ୍ତି । କୁକୁଡ଼ାକୁ ଦେଖାଇ ପିଲା ଦୁହିଁଙ୍କୁ ବୁଝାନ୍ତି ଯେ, ଧାନ ଏହାପରି ଲାଲ ରଙ୍ଗ ଯେଉଁ ଦିନ ହେବ ସେଦିନ ଅମଳ କରିବ । ତା' ପରେ ସେମାନେ ଫସଲକୁ ଅମଳ କରନ୍ତି ।

ଏନ୍ନେମ ଭଗବାନ ଶିବସ ଆଦିୟୋ ଭାଇ ବାହିନ ଗୁଠିଆରିନ୍ ଗୃଷବାସ ବି ଷାୟ ଶିଖା ବା ଚାସ୍ । ଆଉର୍ ଇ ଦୁନିଆନୁନାଗାଦ୍ କିରି ଉଜ୍ଜାବିଜ୍ଜାଗେ ଶିଖା ବା ଚାସ୍ ।



ଏହିପରି ଭାବରେ ଭଗବାନ ଶିବ ସେହି ଦୁଇ ଭାଇଭଉଣୀଙ୍କୁ ଗୃଷବାସ ବିଷୟରେ ଶିଖାଇଲେ । ଆଉ ସଂସାରରେ ଭଲଭାବରେ ଚଳିବା ପାଇଁ ଶିଖାଇଲେ ।

# "ତୁସ୍‌ଗୋ ପାରାବ୍"
## (ନୂଆଖାଇ ପର୍ବ )

ସିର୍‌ଜାନ୍ ପାରିୟାନ୍‌ତା କଥା । ଧାର୍ମେସ୍ ଦୁଓ୍ୱୋ ମାନୱା ଖାଦ୍‌ଦାରିନ୍ ଉଜନା ବିଜନା, ନାଲାଖ ଉଦାମ୍,ଉଇନା, ଖୋସନା, ଇଦନା, ପେସଗାନା, ନାବନା, ଧୁକନା, ଆରା ଦିନ୍‌ଦୁନିଆ ହି ପାତନୁ ଡେଙ୍ଗା ଶିଖା ବା ଲାଗିଆସ୍ । ଉନ୍ଦୁଲ ଧାର୍ମେସ ଦୁୟଖାଦ୍‌ଦାରିନ୍ ରପାଇଦାଗେ ତୈଦାସ । ଆଦି ହି ଖଖାନୁ ଗୋଡ୍ଡାଖେସ୍ ଉସ୍‌ଗିୟା କିରି ପାନାସୁରୱାରା । ଖାନେ ଧାର୍ମେସ ଆରିନ୍ ବାଚସକା କାଲାନିମ୍ ଗୋଡ୍ଡା ଖେସ୍‌ସେନ ଅନ୍ଦରକେବାରକେ । ଆନ୍ତଲେ ଆଦିନ ଆଲଖାଡ଼ା କାମକେ ଖୋସ୍‌କେ । ଦାରା ଆଦିନ୍ ପୁର୍ଖାରଗେ ଭେଗ୍‌ଚିକେ ଆଉର୍ ନିମ୍‌ଂହୁ ମୋହକେ ଅନକେ । ଧାର୍ମେସକି ବାଚକା ଲେଖାମ୍ ଆର୍ ଖେସେନ୍ ଅନ୍ଦ୍‌ରାର ଆଲଖାଡ଼ା ଖୁସିୟାର । ଆଉର ତୁସଗୋ ପାରାବି ମାଞ୍ଜାର ।



ସୃଷ୍ଟି ଆରମ୍ଭ ବେଳର କଥା । ଭଗବାନ ଦୁଇଜଣ ମାନବ ପୁତ୍ରଙ୍କୁ ଜୀବନ ବଞ୍ଚିବା ସହ କୃଷିକାମ ଇତ୍ୟାଦି କ୍ଷେତ୍ରରେ ଶିକ୍ଷାଦାନ କରୁଥିଲେ । ଭଗବାନ ଥରେ ଦୁଇ ମାନବ ପୁତ୍ରଙ୍କୁ କୃଷି କାର୍ଯ୍ୟ ବିଷୟରେ ଶିକ୍ଷାଦାନ କରୁଥିଲେ । ସେ ଦୁଇ ମାନବ ପୁତ୍ରଙ୍କୁ ଧାନରୁଆ ବିଷୟରେ ଜ୍ଞାନ ଦେଲେ । ଗୋଡ଼ା ଧାନ ପାଚିବା ଆରମ୍ଭ ହେଉଥାଏ । ସେହି ସମୟରେ ଭଗବାନ ତାଙ୍କୁ ପାଚିଥିବା ଗୋଡା ଧାନକୁ ଆଣି ଚୁଡା କୁଟିବା ପାଇଁ କହିଲେ ଏବଂ ଦେବାଦେବୀଙ୍କୁ ଭୋଗ ରୂପେ ଅର୍ପଣ କଲାପରେ ନିଜେ ଖାଇବାକୁ ନିର୍ଦ୍ଦେଶ ଦେଲେ ।

ତାମ୍ ନିଜେ ମଖନା ହି ଆଗେ ପୁର୍ଖାରଗେ ଆଉର୍ ଧାର୍ମେସଗେ ଭୋଗ୍‌ଚିୟାଗେ ମୋଧରାର୍ କେରାର୍ । ଖାନେ ଧାର୍ମେସ  ଆଉର୍ ଧାର୍ମେ ଆୟା ରଷି ମାଞ୍ଜାର୍ ଆର୍‌ବାଚର୍‌କା ଏମାଗେ ଭୋଗ ମାଲ୍‌ଚିଆ କିରି ନିମ୍ ଏକଲେ  ଏକ୍‌ଲେ ମୋକ୍କାର ଅଣ୍ଡକାର୍ ଚିଚକାର । ଆ ଉଲ୍ଲାଡି ପୁର୍ଖାରଗେ ଆଉର୍ ଧାର୍ମେ ବେଲାସଗେ ଆଉର ଦୁର୍ମି ଦେବି ଦେବତାରଗେ ଭଗ ଚିରନା ହି ଗ୍ୟଲାଓ୍ୱ ମାଞ୍ଜା । ଆ ଉଲ୍ଲାଡି ସାଗରାମ୍ ୟାଦ୍ ଉଇୟାଗେ "ତୁସ୍‌ଗୋ ପାରାବାନ" ମାନଓ୍ୱାର ସୁରୁ ନାଞ୍ଜାର ।



ଭଗବାନଙ୍କ କହିବା ଅନୁଯାୟୀ ସେମାନେ ସେହିପରି କଲେ । କିନ୍ତୁ ନିଜେ ଖାଇବା ପୂର୍ବରୁ ଭଗବାନଙ୍କୁ ଅର୍ପଣ କରିବା ପାଇଁ ଭୁଲିଗଲେ ଏବଂ ନିଜେ ଖାଇଦେଲେ । ତେଣୁ ଭଗବାନ ତାଙ୍କ ଉପରେ ରଷି ହେଲେ ଏବଂ କହିଲେ ତୁମେମାନେ ଭଗବାନଙ୍କୁ ଅର୍ପଣ ନ କରି କିପରି ଖାଇଦେଲ । ସେହିଦିନ ଠାରୁ ପୂର୍ବ ପୁରୁଷ, ଦେବାଦେବୀ ଏବଂ ଭଗବାନଙ୍କୁ ପ୍ରଥମେ ଭୋଗଦେବାର ବ୍ୟବସ୍ଥା ରହିଲା । ଉକ୍ତ ଦିନଟିକୁ ଚିରଦିନ ପାଇଁ ସ୍ମରଣ ରଖିବା ନିମନ୍ତେ ନୂଆଖାଇ ପର୍ବ ପାଳନ କରାଗଲା ।

# ଫାଗ୍‌ଗୁ
## (ଫଗୁଣ ପର୍ବ)

ପୂର୍ବେ ଏନ୍ଦେର୍ ମାଞ୍ଜ୍‌କିଗ୍ଲ ଯେ ଏମ୍ ଫାଗ୍‌ଗୁପାରବ୍ ମାନଦାମ୍ । ଅହେ ହିସାବନୁ ଏନ ଲିଖାଦାନ କି ଆଗେ ଅଣ୍ଟେ ଶାନ୍ନି ଗିଧ୍ ରାହାଗ୍ଲ । ଆଦ୍ ଆଲାରହି ଗହଲା ଗୁଠିନ ହଆ କିରି ଖତା ନାନାଲିଆ । ଆଲାର ବହୁତ ଏଲଗ୍ଲର କି ଏନ୍ଦେର୍ ନାନା ପଲ୍ଲର । ଶାନି ଗିଧ୍ନ୍ ବହୁତ ଏଲଗ୍ଲ ଲିୟାର । ହରମା ଆଲାର ମିଶ୍‌ରାକି ଭାଗବାନ ସିନ୍ ବିନ୍‌ତୀ ନାଞ୍ଜାର । ଭାଗଓ୍ୱାନ ଠେପରା ଚେଡା ଯୋଖାସ ରୂପନୁ ବାରଗ୍ଲସ୍ । ଖସ୍‌ସା ପାଢାନୁ ଅଣ୍ଟେ ପାଛ ରାଆଲିଆ । ଆସାନ ଆଁଡ଼ସିଆସ ଆଉର ମାଖା ରାଆଗେ ଟିଙ୍ଗୟାସ । ମାଖା ପାଛ ଏନ୍ଦେର ନାଞ୍ଜା, ଆଦ୍ ଧାନୁତୀର ନେ ଖସୋ ନାଞ୍ଜିଗ୍ଲ । ମାଖା ଗଛା ଧାନୁତୀର ଖସୋ ମାଞ୍ଜକେରା । ପାଇରି ଯେତେବାରି ଶାନି ଗିଧ୍ନୁ ଲାଆଗେ ଧନୁତୀର ଯୋଗାଡ଼ ନାଞ୍ଜାସ ଆଦ୍ ଏସ୍‌ରା କେରା ଆଉର ଆସ ଗିଧ୍ନିନ୍ ଲାଅଆ ପଲ୍ଲାସ ।



ପୂର୍ବେ କ'ଣ ହୋଇଥିଲା ଯେ ଆମେ ଫାଗୁ ପର୍ବ ପାଳନ କରୁ ? ସେ ହିସାବରେ ମୁଁ ଲେଖୁଛି ଯେ - ପୂର୍ବ କାଳରେ ଶନି ନାମକ ଗୋଟିଏ ଶାଗୁଣା ଥିଲା । ସେ ଲୋକମାନଙ୍କର ହଳ ଲଙ୍ଗଳକୁ ନେଇକି ତାର ବସା ତିଆରି କରୁଥିଲା । ତାକୁ ଲୋକମାନେ ବହୁତ ଡରୁଥିଲେ । ସବୁ ଲୋକ ତା'ଠାରୁ ଉଦ୍ଧାର ପାଇବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ । ଭଗବାନ ଗୋଟିଏ ବାଙ୍ଗରା ଯୁବକ ବେଶରେ ଆସିଲେ । ଖସ୍ୱୋ ନାମକ ଗାଁରେ ଗୋଟେ ବୁଢ଼ୀ ରହୁଥିଲା । ଯୁବକ ଜଣକ ରାତିକ ପାଇଁ ରହିବାକୁ ବୁଢ଼ୀଙ୍କୁ କହିଲେ । ରାତିରେ ବୁଢ଼ୀଟି ଏମିତି ମନ୍ତ୍ର କରିଦେଲା ଯେ ପୋକ ଗୁଡ଼ିକ ଯାଇ ଯୁବକର ଧନୁତୀରକୁ ହାଲୁକା ଏବଂ ଭାଙ୍ଗିଯିବା ପରି କରିଦେଲେ । ସକାଳେ ଯେତେବେଳେ ଯୁବକ ଜଣକ ଶନି ଶାଗୁଣାକୁ ମାରିବା ପାଇଁ ଧନୁତୀର ଟାଣିଲେ ସେତେବେଳେ ଧନୁଟି ଭାଙ୍ଗିଗଲା ଏବଂ ଶାଗୁଣା ଚଢେଇଟି ଉଡିଗଲା । ଆଉଥରେ ମଧ୍ୟ ଏମିତି ହେଲା । ଏମିତି ହେ ହେ ମୋଟ ତିନି ଥର ହେଲା ।

**ଶେଷ ନୁ ଯୋଁଖାସ ଖୃସାରାସ କେରାସ୍ ଆଉର ପାନ୍ନା ହି ଧନୁତୀର ହଗ୍ସ । ଆଉର ଅଣ୍ଟେ ମାଖା ଲାଗି ତିଙ୍ଗିଆସ୍ । ଆକ୍କୁନ ପାନ୍ନାହି ଧାନୁନ୍ ପୋକ୍ ପଲା ମଖା କରି କେଛା । ପାଢ ଭି ସବୁ ଆଖ୍ୟା । ଆଦ୍ ହୁରମିନ୍ ଅଣ୍ଡ୍ରେଷ୍ଟ ହେଦ୍ଦେ ନାଞ୍ଜା ଆଉର ଅଣ୍ଟେ ଗାମାଛାନୁ  ହେଁଗ୍ର । ଆଉର ତିଙ୍ଗ୍ୟା ଯେ ବାବୁ କାଠି ନାନକେ ଆଉର ଇଦ୍ ନ ମଖକେ ଯୋଖାସ ଅଣ୍ଟେ ଝରିଆନୁ କାଡକା ନାଞ୍ଜାସ ଆଉର ଇରିଆସ୍ ଆଉର ହେବିଡ଼ିଚାସ । ପିସା ଅଣ୍ଟେ ତୀର ନୁ ଶାନି ଗିଧିନ୍ ଲାଅଗ୍ସ । ଆଉର ଅଣ୍ଟେତି ଶନି ଗିଧିନ୍ ହିଁ ଖତାନ୍ ଲାଅଗ୍ସସ୍ । ଆଉର ଅଣ୍ଟେ ତି ମାନ୍ନ ମୁଲିନ୍ ଲାଅଗ୍ସସ୍ । ମାନ୍ନ ବିର୍‌ରିଆକେରା ।**

**ପରେ ଯୁବକ ଜଣକ ରାଗିକି ଲୁହା ନିର୍ମିତ ଧନୁତୀର ନେଲେ । ବର୍ତ୍ତମାନ ବୁଢ଼ୀର ପୋକ ଗୁଡିକ ଲୁହା ନିର୍ମିତ ଧନୁତୀରକୁ କାମୁଡି ମରିଗଲେ । ବୁଢୀ ସବୁ ଜାଣି ପାରି ପୋକ ଗୁଡିକୁ ଗୋଟିଏ ଗାମୁଛାରେ ଗଣ୍ଠି କଲା ଏବଂ ସକାଳେ ଯୁବକକୁ ଦେଲାଏବଂ କହିଲା ଦାନ୍ତ ଘଷି ସାରିଲା ପରେ ଜଳଖିଆ କରିବାକୁ । ଯୁବକ ଜଣକ ଗୋଟିଏ ଝରଣାରେ ଦାନ୍ତ ଘଷି ସାରିଲେ ଏବଂ ବୁଢ଼ୀ ଦେଇଥିବା ଗଣ୍ଠିଲିକୁ ଦେଖିଲେ ଏବଂ ଫିଙ୍ଗି ଦେଲେ । ତା'ପରେ ଶନି ଶାଗୁଣାକୁ  ମାରିଲେ । ଅନ୍ୟ ଗୋଟିଏ ତୀରରେ ଶନି ଶାଗୁଣାର ବସାକୁ ତଳେ ପକାଇଦେଲେ । ଆଉ ଗୋଟିଏ ତୀରରେ ଗଛଟିକୁ ସଂପୂର୍ଣ୍ଣ ରୂପରେ ତଳେ ପକାଇ ଦେଲେ ।**



ତା' ପରେ ଆଲାର ବାରଚ୍ଚର । ଶନି ଗିଧିନି କେଚ୍ଚ ଯେ ଖୁସି ମାଞ୍ଜାର । ନେ ଲାଉଚ୍ଚ ନେ ହୁଁ ତେଙ୍ଗା ପଲ୍ଲାର । ଶେଷନୁ ଅଣ୍ଟେସ୍ ତିଙ୍ଗିଆସ୍ ଯେ ଅଣ୍ଟେ ଠେପରା ଚେଡ଼ା ଯୋଖାସ୍ ତ କାଲିଆସ । ତା'ପରେସବୁ ଆଲ୍ଲାର ଆକ୍କାର ଯେ ଆସ୍ ଭାଗଓ୍ୱାନସ୍ ଚ୍ଚହାଚ୍ଚସ । ନାମାହାଏ ଲାଗ୍‌ଗି ବାରାଚକାଚ୍ଚସ । ହରମାର ଖୁସି ମାନାକିରି  ଭୋଜି ନାଞ୍ଜାର୍, ବିଚିଆର । ଆଦ୍ ଚ୍ଚହାଚ୍ଚ ପୁନି ଉଲ୍ଲା ।

ଅହେ ଉଲ୍ଲା ନାମ ଫାଗ୍‌ଗୁ  ମାନାଦାମ ।

ତା ପରେ ଲୋକମାନେ ଆସିଲେ । ଶନି ଶାଗୁଣା ମରିଥିବାର ଦେଖି ଖୁସି ହେଲେ । କିନ୍ତୁ କିଏ ତାକୁ ମାରିଛି କେହି କହିପାରିଲେ ନାହିଁ । ଶେଷକୁ ଜଣେ କହିଲା ଯେ ଟିକେ ଆଗୁରୁ ଜଣେ ବାଙ୍ଗରା ଲୋକ ଯାଉଥିଲେ, ବୋଧହୁଏ ସେ ମାରିଥାଇ ପାରନ୍ତି । ସେମାନଙ୍କୁ ବୁଝିବାରେ ଅସୁବିଧା ହେଲା ନାହିଁ, ଭଗବାନ ବାଙ୍ଗରା ଯୁବକ ବେଶରେ ଆସିଥିଲେ ଶନି ଶାଗୁଣା ଠାରୁ ରକ୍ଷା କରିବାକୁ । ସମସ୍ତେ ଖୁସି ହୋଇ ନାଚିଲେ, ଗାଇଲେ ଏବଂ ଭୋଜିକଲେ । ସେଦିନ ଫଗୁଣ ମାସ ପୂର୍ଣ୍ଣିମା ଥିଲା ।

ସେହି ଦିନ ଠାରୁ ଆମେ ସମସ୍ତେ ଫଗୁଣ ପର୍ବ ପାଳନ କରିଆସୁଛୁ ।

# କାରାମ୍ ପୂଜା
## (କରମା ପୂଜା)

ଅଣ୍ଟେ ପାଦାକୁ ସାଧୁ ନାମେସ୍ ହି ଆଲାସ୍ ରାହାଚାସ୍ । ତାଘଂାଏ ଖାଦ୍ଦ ଖାରାର୍ ନେହୁଁ ମଲ୍ ରାହାଚଝର । ଉନ୍ଦୁଲ୍ ଆସ୍ ତାନ୍ ହାଇନ୍ ବା'ଚାସ୍-ନାମ କ୍ଷରାମ ରାଜାସିନ୍ ପୂଜା ନାନ୍ତ । ଆସ ନାମ୍ହାଏ ଇଛାନ୍ ଜାରୁର ପୁରଣ ନାନସ୍, ଆଉରତେଛ ଆବଭାର ଦୁୟଝାନ କାରାମ ରାଜାସିନ୍ ପୂଜା ନାନାଗେ ସୁରୁ ନାଞ୍ଜାର, ସାଥେମ୍ କାରାମ ରାଡାସ ତାମ୍ହାଏ ପ୍ରତି ଖୁସି ମାନାକିରି ସାତଠୁ ବାବୁ ଜାନାମ ଚିଝସ୍ । ଆସ ଖାଦ୍ଧାରିନ୍ ବେଞ୍ଜକିରି ନାତି ନାତେନ୍ ଇରିଆସ୍ । ଦୁଇୟ ପାଛ ପାଚଗିର ନାତି ନାତେନରିନ୍ ଏରାକିରି ଖୁସି ତି ଦିନ୍ ବିଝବାଚାର ଆଉର୍ ଇ ଦୁନିଆତି ବିଦା ମାଞ୍ଜାସ ଉନ୍ଦୁଲ କହାଁ ଭାଇସ୍ ବାଝସ-ନାମ୍ ହାଏ ଆୟ ବାବାର ତ କାରାମ ରାଡାସିନ୍ ସେବା ନାନାକିରି ବାରଝର । ଆଉର ନାମ ତୁଁ ରାଜାସିନ୍ ସେବା ନାମତ ହୁର୍ମି ଭାଇର୍ ମିଶ୍ରାକିରି କାରାମ ରାଡାସିନ୍ ସେବା ନାଞ୍ଜାର । ଉନ୍ଦୁଲ କହାଁ ଭାଇସ୍ ଚିନ୍ତା ନାନାକିରି ବାଚାସ୍-ଏଡ୍ପାନୁ ଅକ୍କାକି ଉଣ୍ଡକୁନ୍ ହାଡ଼ ତା ଧୁଲି ହୁଁ ମୁଞ୍ଜରଅକ । ନାମ ବାହାରେ ନାଲାଖ ନାନା କାଅତ ।

ଗୋଟିଏ ଗାଁରେ ସାଧୁ ନାମକ ଜଣେ ଲୋକ ବାସ କରୁଥିଲେ, ତାଙ୍କର ପିଲାଛୁଆ କେହି ନଥିଲେ । ଦିନେ ସାଧୁ ତା' ସ୍ତ୍ରୀକୁ କହିଲା ଚାଲ ଆମେ କରମ୍ ରାଜାଙ୍କୁ ପୂଜା କରିବା । କାଳେ ସେ ଆମ ଇଚ୍ଛା ପୂରଣ କରିବେ । ତା'ପରେ ସେ ଦିନଠୁ ଦୁହେଁ ପୂଜା କରିବା ଆରମ୍ଭ କରିଦେଲେ । ସତରେ କରମ୍ ରାଜା ସେମାନଙ୍କ ସେବାରେ ଆନନ୍ଦ ହୋଇ ସେମାନଙ୍କୁ ଗୋଟିକ ପରେ ଗୋଟିଏ ଏପରି ସାତଟି ପୁଅ ଦେଲେ । ପୁଅ ମାନଙ୍କୁ ବାହା କରି ନାତି ନାତୁଣୀ ଦେଖିଲେ । ନାତି ନାତୁଣୀଙ୍କୁ ପାଇ ଆନନ୍ଦରେ ଦିନ କାଟିଲେ ଓ କିଛି ଦିନ ପରେ ସେ ଦୁହେଁ ଇହଧାମ ତ୍ୟାଗ କଲେ । ଦିନେ ବଡ଼ ଭାଇ କହିଲା ମାଆ ବାପା ତ କରମ୍ ରାଜାଙ୍କୁ ସେବା କରି ଆସୁଥିଲେ, ଏବେ ଆମ୍ଭେମାନେ ମିଶି କରିବା । ତା'ପରେ ସମସ୍ତେ ମିଶି କରମ୍ ରାଜାଙ୍କୁ ସେବା କଲେ । ହଠାତ୍ ଦିନେ ବଡ଼ ଭାଇ ଚିନ୍ତା କରି କହିଲେ, ବସି ଖାଇଲେ ନଈବାଲି ସରେ । ତେଣୁ ଆମେ ଚାଲ ବାହାରକୁ ଯାଇ କାମ କରିବା ।



ସାତ ଭାଇର ନାଲାଖ୍ ନାନାଗେ ଉରଖିଆର । ନାଲାଖ୍ ନାନ୍ତେ ନାନ୍ତେ ଛଅ ମାସ ବିତ୍ରାକେରା । ଏଡ଼୍‌ପା ମାଲ୍ କିରିଆର୍ । ଛଅ ମାସ ହି ଖଖାଦୁ ଆବଡ଼ାର ଏଡ଼୍‌ସା କିରିଆର । ପାଇରି ଆବଡ଼ାର କିଛି ମାଲ୍ ମକ୍କାଚାର, ଆଦିଗେ କହାଁ ଭାଇସ୍ ବା'ଗ୍ସ୍-ଛଟେ ଭାଇସ୍ ଏଡ଼୍‌ପା କାଲା କି ତାନ୍ ନାସ୍‌କୋ ବାଗାରିନ୍ ବାଅସକି ତାମ୍ ବାର୍‌ଆକି ନାମାନ୍ ବନ୍ଦାପଣା ନାନାକିରି ହଅର । ଆସ୍ ଏଡ଼୍‌ପା କେରାସ୍ । ଇରିଆସ ଯେ ହୁର୍ମି ନାସ୍‌ଗୋ ବାଗାର, ରାସ୍‌ମାଣ୍ଡାଲ୍ ବେଚାନାର୍ । ତାନୁ ହୁଁ ବେଚାଗେ ଲାଗ୍‌ଆସ ଆଉର କିର୍‌ରାଗେ ଭୁଲରାସ କେରାସ୍ । ଆସ୍ ହି ମାଲ୍ କିରନାନ ଏରା କି କହାଁ ଭାଇସ୍ ଆଉର୍ ଅରତ ଭାଇସିନ୍ ତାଇଆସ । ଆସ କେରାସ୍, ଲେକିନ୍ ଆସ ହୁଁ ବେଚାଗେ ମୁଢ଼ିଆରାସ୍ । ଆଉର୍ ମାଲ୍ କରିଆସ୍ ? ଏନେମ ମାଲ୍ କିରନାନ ଏରାକିରି ଛଅ ଭାଇର୍ ଅଣ୍ଟେପର ଅଣ୍ଟେ କରାର୍ ଲେକିନ୍ ଏନ ହୁଁ ମାଲ୍ କିରିଆର । ହରମାର ବେଚାଗେ ଲାଗିଆର । ଖଖା ବାରି କହାଁ ଭାଇସ ଖିସାରାଆକି ଏକରାସ୍ । ଇରିଆସ୍ ଯେ ହୁର୍ମି ଭାଇର ବେଚାଗେ ଲାଇକାନାର । ଆସ୍ କାରାମ ରାନାସିନ୍ ଚାଡ଼ଆ କି ଏକାତାରା ହିବିଡ଼ିଚାସ । କାରାମ ରାଜାସ୍ ରଷି ମାନାକିରି ଏକା ତାରା ବଙ୍ଗାସ୍ ।

କାମ କରିବାକୁ ସମସ୍ତେ ବାହାରି ପଡ଼ିଲେ । କାମ କରୁ କରୁ ୬ ମାସ ବିତିଗଲା ସେମାନେ ଘରକୁ ଫେରି ନଥିଲେ । ୬ ମାସ ପରେ ସେମାନେ ଘରକୁ ଫେରିଲେ । ସକାଳୁ କିଛି ଖାଇ ନ ଥିଲେ । ତେଣୁ ବାଟରେ ସବା ବଡ଼ ଭାଇ କହିଲା-ଆମ୍ଭେମାନେ ତ କିଛି ଖାଇନେ ଚ୍ଲ କିଛି ଖାଇଦେବା । ସମସ୍ତେ ବଡ଼ ଭାଇ କଥାରେ ରାଜି ହେଲେ । ତା'ପରେ ବଡ଼ ଭାଇ ସବୁଠୁ ସାନ ଭାଇକୁ କହିଲା ଯେ ତୁ ଘରକୁ ଯା ଓ ତୋ ଭାଉଜ ମାନଙ୍କୁ କହିବୁ ସେମାନେ ଆସି ଆମକୁ ବନ୍ଦାପନା କରି ପାଛୋଟି ନେବେ । ସେ ଘରକୁ ଗଲା ଓ ଘରେ ଦେଖିଲା ଯେ ସମସ୍ତେ କରମ୍ ରାଜାଙ୍କୁ ସେବା କରୁଥିଲେ । ସମସ୍ତେ ଗୀତ ଗାଇ ଗାଇ ନାଚୁଥିଲେ । ହଠାତ୍ ଭାଉଜ ମାନେ ତାଙ୍କ ଦିଅରକୁ ଦେଖିଲା ମାତ୍ରେ ଟାଣି ନେଇ ସାଙ୍ଗରେ ନଚ୍ଚାଇଲେ । ଆଉ ଭାଇମାନେ ସାନ ଭାଇର ନ ଫେରିବା ଦେଖି ବଡ଼ଭାଇ ତା ପର  ସାନଭାଇକୁ କହିଲା ତୁ ଯା ତ ଦେଖିବୁ ସେ ଏ ପର୍ଯ୍ୟନ୍ତ  ଆସିନାହିଁ କାହିଁକି ? ସେ ଯେତେବେଳେ ଘରକୁ ଯାଇ ଦେଖିଛି ସମସ୍ତେ ନାଚୁଥାନ୍ତି । ସାନ ଭାଇ ଭଳି ତାକୁ ମଧ୍ୟ ନେଇ ନଚ୍ଚାଇଲେ । ସେ ମଧ୍ୟ ଫେରିଲାନି । ଏମିତିକି ଜଣକ ପରେ ଜଣେ ଭାଇ ରାଗରେ ତମ ତମ ହୋଇ ଘରକୁ ଯାଇ ଦେଖିଲେ ଯେ ଭାଇ ଭାଉଜ ସମସ୍ତେ ମିଶି କରମ୍ ରାଜାଙ୍କୁ ସେବା କରି ନାଚୁଥିଲେ । ସାନ ଭାଇମାନେ କେହି ନ ଫେରିବାରୁ ବଡ଼ ଭାଇ ରାଗିଗଲା । ସେ ଗୋଟିଏ ବାଡ଼ି ଧରି ସେମାନଙ୍କୁ ଖୋଜିବାକୁ ଗଲା । ସେ ଦେଖିଲା ଯେ- ସମସ୍ତ ଦିଅର ଭାଉଜମାନେ ବିଭୋର ହୋଇ ନାଚୁଛନ୍ତି । ସେ ରାଗରେ କରମା ଡାଳକୁ ଉପାଡ଼ି କେଉଁଆଡ଼େ ଫୋପାଡ଼ି ଦେଲା ।



କାରାମ ରାଜାସ୍ ଏକା ତାରା ବଙ୍ଗାସ୍ । ଆସିନ୍ ନେ ହୁଁ ଏରା ପଲ୍ଲାର । ଲେକିନ୍ ଆସ ହି କାନାନ୍ ଅଣ୍ଟେ ଗୌର୍ ମୁକ୍ଳା ଇର୍କିଚା । ହରମାର କାରାମ ରାଜାସିନ୍ ବେଢାଗେ ଲାଗିଆର । କହାଁ ଭାଇସ୍ ପଲ୍ଲା ବେଢାକିରି ଗୌର ମୁକ୍ଳାନ୍ ମେଞ୍ଜାସ୍ । ଆଦ୍ ଟିଙ୍ଗିଆ ଯେ କାରାମ ରାଜାସ୍ ଇ ଡାହାରେନୁ କାଲାଲିଆସ୍ । କହାଁ ଭାଇସ୍ ଆ ଡାହାରେନୁମ ବେଢାଗେ ଉର୍ଖୃଆସ୍ ଲେକିନ୍ ପଲ୍ଲାସ ବେଢା । ଖଖାବାରି କାରାମ ରାଜାସ୍ ଆସ୍ ହି ଦୁଖବନ୍ ଆଖ୍ଖାସ୍ ଆଉର ଆସିନ୍ ଦେଖା ଚିଚ୍ଚସ୍ । କାରାମ ରାଜାସିନ୍ ଆସ୍ ବାଚ୍ଚସ-ଏଘାଂଏ ଭୂଲ ମାଞ୍ଜାକେରା । ଏଙ୍ଗାନ୍ କ୍ଷମା ନାନା ଗୁଚା ଏନ୍ ନିଙ୍ଗାନ୍ ହଆଗେ ବାର୍ଚକାଦାନ । କାରାମ ରାଜାସ୍ ବୁଝାବାଆକି ବାଚାସ-ନିମ୍ ଆଗାର ଏଙ୍ଗାନ୍ ମିଶ୍ରାକିରି ଅନ୍ସାଲନୁ ଅଘଂନ ପୂଜା ନାନର ହଲେ ଏନ୍ ନିଘଂଏ କାଥାନ ମେନ୍ଅନ ଆଉର ଏଡ଼୍ପା କିର୍ ଅନ । ଇ କାଥାନ୍ ନାନ୍ତେ କରି କହାଁ ଭାଇସ ବାଚାସ୍-ହାଁ ଏମ୍ ହାରସାଲ ହରମାର୍ ମିଶ୍ରା କିରି ନିଘଂନ୍ ପୂଜା ସେବା ନାନମ । ଆଉର ଆଉଲଡେକ୍ ହରମାର ମିଶ୍ରା କିରି କାରାମ ରାଜାସିନ୍ ପୂଜା ନାନ୍ତେ ବାର୍ ଆନାର ।

ତାକୁ ଆଉ କେହି ଦେଖିଲେନି । କିନ୍ତୁ ଏସବୁ ଗୋଟିଏ ଗୌଡ଼ ଜାତିର ସ୍ତ୍ରୀ ଦେଖିଥିଲା । ଘର ଲୋକ ସମସ୍ତେ କରମ୍ ରାଜାଙ୍କୁ ଖୋଜିବାରେ ଲାଗିଲେ । ବଡ଼ ଭାଇ ଖୋଜି ଖୋଜି ସେ ସ୍ତ୍ରୀ ଲୋକଟିକୁ ପଚ୍ଚରିବାରୁ ସେ କହିଲେ ହଁ କରମ୍ ରାଜା ତ ଏଇବାଟେ ଯାଉଥିଲେ । ତା'ପରେ ସେ ଖୋଜି ଖୋଜି କେତେ ବାଟ ଯିବା ପରେ ହାଲିଆ ହୋଇ ପଡ଼ିଗଲେ । ସେ ସବୁ କରମ୍ ରାଜା ଦେଖି ସହି ନ ପାରି ଦେଖାଦେଲେ । କରମ୍ ରାଜାଙ୍କୁ ସେ କହିଲେ ଯଦି ମୋ ଦ୍ୱାରା ଭୁଲ୍ ହୋଇଯାଇଛି, ମୋତେ କ୍ଷମା କରିଦିଅ, ଏବଂ ଘରକୁ ଚ୍ଚଲ ମୁଁ ନେବା ପାଇଁ ଆସିଛି । କିନ୍ତୁ କରମ୍ ରାଜା ବୁଝାଇ କହିଲେ-ଯେ ମୁଁ ତ ଘରୁ ବାହାରିଯାଇଛି ଆଉ ଫେରିବିନି ତୁମେ ସମସ୍ତେ ମିଶି ବର୍ଷକରେ ଥରେ ମତେ ପୂଜା / ସେବା କରିବ, ତେବେ ମୁଁ ତୁମର ଗୁହାରି ଶୁଣିବି । ତା'ପରେ ସମସ୍ତେ ମିଶି କରମ୍ ରାଜାଙ୍କୁ ପୂଜା କରିଲେ ଓ ସେହି ଦିନ ଠାରୁ କରମ୍ ରାଜାଙ୍କ ପୂଜା ଆରମ୍ଭ ହେଲା ।



# କରମା ଗୀତ

ନେକା  ତାରତି କାରାମ ରାଜାସ ବାରଚ୍ଚସ୍
ଗ୍ଲୋଆରେ ନାରେଖୋ... (୧)
ଗୁଚ୍ଚ ନେରେଖା କାରାମ ସେଓ୍ୱା କାଲୋତ୍ (୨)
କାରାମ ଟୋଙ୍କାତି କାରାମ  ରାଜାସ୍ ବାରଚ୍ଚସ୍
ଗ୍ଲେଆରେ ନାରେଖୋ (୨)
ନାଇନି ଟଙ୍ଗୋରନ୍ତି କାରାମ ରାଜାସ ବାରଚ୍ଚସ (୧)
ଗ୍ଲେଆରେ ନେରେଖୋ ଗୁଚ୍ଚ ନେରେଖୋ (୨)
ପୂରବ  ତାରତି କାରାମ ରାଜାସ
ଗ୍ଲେଆରେ ନାରେଖୋ (୧)
ଗୁଚ୍ଚ ନେରେଖୋ ।



କେଉଁ ଦିଗରୁ କରମା ରାଜା ଆସିଲେ,
ଉଠରେ ଦେଖି ଯିବା ......
ଚ୍ଲଲରେ ଦେଖିଯିବା କରମାଙ୍କୁ ସେବା କରିବା ।
କରମା ଜଙ୍ଗଲରୁ କରମା ରାଜା ଆସିଲେ,
ଉଠରେ ଦେଖି ଯିବା, ଉଠରେ ଦେଖି ଯିବା ।

ନାଇନି ପର୍ବତରୁ କରମା ରାଜା ଆସିଲେ
ଉଠରେ ଭାଇ ଚ୍ଲଲରେ ଭାଇ ଦେଖିଯିବା ।
ପୂରୁବ ଦିଗରୁ କରମା ରାଜା ଆସିଲେ
ଉଠରେ ଭାଇ, ଚ୍ଲଲରେ ଭାଇ
କରମାଙ୍କୁ ଦେଖି ଯିବା ।

# ଭଜନ ଡାଣ୍ଡି
## (ଭଜନ ଗୀତ)

ଅନ ଲୋଟା ଆମ୍ମେ ଲେଲେ
ନିଘାଂଏ ହେଦେ ବାରେ ଦାମ...... (୨)
ନିଘାଂଏ ଖେଡ଼ାନ ନୋଡ଼ାଗେ ବାରେ ଦାମ
ଆୟଗୋ ଏମାଗେ ଚିକେ ଆଶିର୍ବାଦ ..... (୨)
ଆୟ ବାବା ମିଲି ଝୁଲି
ନିଘାଂଏ ହେଦେ ବାରେ ଦାମ.....(୨)
ନିଘାଂଏ ଖେଡ୍ଡାନ ନୋଡ଼ାଗେ ବାରେଦାମ
ଆୟଗୋ ଏମାଗେ ଚିକେ ଆଶିର୍ବାଦ..... (୨)
ଅନ ଡାଉରା ଫୁଁପ ଲେଲେ
ନିଘାଂଏ ହେଦେ ବାରେଦାମ୍ .......(୨)
ନିଘାଂଏ ଖେଡ଼ାନ ନୋଡ଼ାଗେ ବାରେଦାମ
ଆୟଗୋ ଏମାଗେ ଚିକେ ଆଶିର୍ବାଦ.... (୨)
ଏମ୍ମାଏ ଦୁଃଖାନ ଡେଙ୍ଗାଗେ
ନିଘାଂଏ ହେଦେ ବାରେଦାମ .......(୨)
ଏମାଏ ଦୁଃଖାନ ଡେଙ୍ଗାଗେ ବାରେଦାମ
ଆୟଗୋ ଏମାଗେ ଚିକେ ଆଶିର୍ବାଦ .....(୩)
ଜାୟ ଧାର୍ମେ . .



| | |
|---|---|
| ଗୋଟିଏ ଗଡୁ ପାଣି ନେଇ | ତୁମ ପାଖକୁ ଆସୁଛୁ . . . .(୨) |
| ତୁମର ଗୋଡ଼ ଧୋଇବା ପାଇଁ ଆସିଛୁ | ମାଁ ଗୋ ଆମ୍ଭମାନଙ୍କୁ ଆଶିର୍ବାଦ ଦିଅ । |
| ମାଆ ବାପା ମିଳିମିଶି | ତୁମ ପାଖକୁ ଆସୁଛୁ . . . .(୨) |
| ତୁମର ଗୋଡ଼ ଧୋଇବା ପାଇଁ ଆସିଛୁ | ମାଁ ଗୋ ଆମ୍ଭମାନଙ୍କୁ ଦିଅ ଆଶିର୍ବାଦ । |
| ଗୋଟିଏ ଡାଲାରେ ଫୁଲ ନେଇ | ତୁମ ପାଖକୁ ଆସୁଛୁ . . . . (୨) |
| ତୁମର ଗୋଡ଼ ଧୋଇବା ପାଇଁ ଆସିଛୁ | ମାଁ ଗୋ ଆମ୍ଭମାନଙ୍କୁ ଦିଅ ଆଶିର୍ବାଦ |
| ଆମର ଦୁଃଖକୁ କହିବା ପାଇଁ | ତୁମ ପାଖକୁ ଆସୁଛୁ . . . . (୨) |
| ଆମର ଦୁଃଖ କହିବା ପାଇଁ ଆସିଛୁ | ମାଁ ଗୋ ଆମ୍ଭମାନଙ୍କୁ ଦିଅ ଆଶିର୍ବାଦ . . .(୩) |

# ଚେଁପ (ବର୍ଷା)

ବୈଶାଖ ଜେଠ୍ କେରା ଆଷାଢ଼ ସାୱାନ୍ ବାରେଚା
ବାରେଷା ହି ଉଲ୍ଲା ବାର୍‌ଚା କେରା ଭାଁଣାରେ କୋଁଡା ଉଖୁଆ କେରା
ବିଜ୍‌ଲି ଚ୍ମେକା ଲାଗି ବାଦାଲି ଘିଡ଼ିକା ରାଇ ।
ଝିମିରଝିଟା ଚେଁପ୍ ପୁଇଁଆ ଲାଗିଆ ।
ଖାଲ୍ଲ ଉଖୁଡ଼ି ବିଲ୍ଲି ମାଞ୍ଜା କେରାରେ ... (୨)
ବେଙ୍ଗା ଯେ ଚିଇଁଖି କେଏଁର୍ କଟର୍ ଚିଇଁଖି
ନେନ୍ଦେର୍ ନଡ଼ା ଖାଦ୍ଧ ଲେଖେ ଚିଇଁଖିରେ ... (୨)
ଚଆତ ଆୟ, ଚଆତ ବାବା ନେନ୍ଦେର୍ ନଡ଼ା ଖାଦ୍ ଲେଖେ ଚିଇଁଖି,
ନେନ୍ଦେର୍ ନଡ଼ା ଭୂତ ଲେଖେ ଚିଇଁଖି ।
ଖାଦ୍ଧ ମାଲ୍ଲା ଚି ଇଁଖି ଭୂତ ମାଲ୍ଲା ଚିଇଁଖି ।
ଢ଼ିକା ନଡ଼ା ଖାଦ୍ଧ ଲେଖେ ଚିଇଁଖିରେ ଢ଼ିକା ନଡ଼ା ଭୂତ ଲେଖେ ଚିଇଁଖି ।



ଗୁଁଗ୍ଲ ଏ ତୋ ବାହିନ୍ ଖାଲ୍ଲ ତାରା କାଲତ.   ଗେଁଡ଼ା ପେଷାଗେ କାଲତ୍‌ରେ
କାକ୍‌ଡ଼ ଲାଓ୍ୱାଗେ କାଲତ୍‌ରେ ।          ଚେଁପ୍ ପୁଇଁଆ ଲାଗିଆ ବିଡ଼ିମ୍ ପୁତ୍ତା,
ଏଡ଼ପା ପାଲି ଡ଼ାହରେ ଚତର ମାଞ୍ଜା ... (୨)
ଚେଁପାଦ୍ ଗା ବାରେଚା ଭାଲେ ମାଞ୍ଜା କେରା
ଧାର୍‌ତି ଆଯ୍ୟୋ ବାଦ୍‌ଲାରା କେରା        ଧାର୍‌ତି ଆଯ୍ୟୋ ହାରିଆର ନେଥେରା
ଚଆତ ବେଟା, ଚଆଏତ ବେଟି        ଖାଲ୍ଲ ତାରା ଲେଝା ହେବଡ଼ା କାଲ୍‌ତ୍.. (୨)
ହାରେ ଚେଁପ୍ ବାରେଚା ହାରେ ଚେଁପ୍ ବାରେଚା
ଗଟା ଦୁନିଆଁ ହାରିଆର୍ ନାଞ୍ଜାରେ
ଜିୟା କାୟାନ୍ ବାଛା ବାଆଚା ।

ବୈଶାଖ  ଜୈଷ୍ଠ ମାସ ଗଲା, ଆଷାଢ଼ ଶ୍ରାବଣ ମାସ ଆସିଲା ।।
ଆକାଶେ ଉଠିଲା କଳା ମେଘ, ବିଜୁଳି ମାରିଲା  ଚକ ଚକ ।।
ମେଘ ଗରଜିଲା ଘଡ଼ ଘଡ଼, ବରଷା ଝରିଲା ଝର ଝର ।।
ମେଘ ବରଷିଲା ଝିପି ଝିପି, ନଦୀ ନାଳ କ୍ଷେତ ପୁରିଲା ଉଠି ।।
ବେଙ୍ଗ ରଡ଼ିଲା କେଁ କଟର, ଡ଼ାହୁକ ଡ଼ାକିଲା ଥରକୁ ଥର ।।
ଦିନ ରାତି ଲାଗି ବରଷା ହେଲା, ଗାଁ ଦାଣ୍ଡ ସବୁ କାଦୁଅ ହେଲା ।।

ଖେଳିବେ ପିଲାଏ କାଦୁଅରେ ଯାଇ, ଭସାଇଲେ ଡ଼ଙ୍ଗା ଏକାଠି ହୋଇ ।।
ଗେଣ୍ଡା କଙ୍କଡ଼ା ଧରିଲେ ଯାଇ, ନଈ, ନାଳ କ୍ଷେତରେ ବୁଲି ବୁଲି ।।
ବରଷା ହେଲା ଦୁନିଆ ସାରା, ଧରଣୀ ମାଆ ହସି ଉଠିଲା ।।
ଚ୍ଷୀ ଭାଇଙ୍କୁ  ପାଳକ ହେଲା, କ୍ଷେତରେ ଯାଇ ହଳ କରିଲା ।।



# କର୍‌ମା

| | |
|---|---|
| ରାଜୀୟାର ଗେ ରାଜୀକାରାମ ବାରେଚ୍ଚ | ହାଏ ଏଙ୍ଗଦା କିଚିରି ଗେ ଚିଖିଁ (୨) |
| ବାରନା ପେଠ ବାର - ଆଭି ତେ ବେଟିରେ | ରିଗି - ବିଗି କିଚିରି ନୁମ୍ ଖେନ୍ଦୋନ୍ (୨) |
| | ରିଗି - ବିଗି ଡଉଡ଼ା ନୁମ୍ ଖେନ୍ଦୋନ୍ (୨) |
| ତୋସା - ପୈଡ଼ା ଖେନ୍ଦୋନ୍ ହୋଲେ ବେଟି ଗେ | ପିପାର ପାତା ଖେନ୍ଦୋନ ହୋଲେ ଦୁଲୋଗୋ |
| କାରାମ ଓଲା ଖେନ୍ଦୋନ ହୋଲେ ଦୁଲୋଗେ । | କାରାମ ଓଲା ଝମର - ଝମର ବେଚେୟରେ (୨) |
| | ଆଖଡ଼ାନୁ ରିଝେ - ରାଙ୍ଗେ ବେଚଏ |

ଧିରେ ଧିରେ କର୍ମା ପର୍ବ ପାଖେଇ ଆସୁଛି । ଝିଅର ମାଁ ଝିଅ ପାଇଁ ନୂଆ କପଡ଼ା ଏବଂ ଟୋକେଇ କିଣି ପାରୁନାହିଁ ତେବେ ଝିଅଟି ଆଖିରୁ ଲୁହ ଗଡାଇବା ଆରମ୍ଭ କଲା । ହେଲେ ମା ଦୁଃଖର ସହିତ ଝିଅକୁ ସ୍ୱାନ୍ତନା ଦେଇ କହିଲେ ରାଜା କରମା ଆସୁଛି । ଝିଅ ମୋ ପାଇଁ ନୂଆ ଜାମା କିଣି ଦିଅ କହି କାନ୍ଦୁଛି । ମା' କହୁଛି - ଝିଅ, ଯେଉଁ ବଜାର ଆସୁଛି ସେ ବଜାରରୁ ତୋର ଲାଗି ସୁନ୍ଦର ଚକ୍‌ଚକ୍ କରୁଥିବା ଜାମା, ଲୁଗା କିଣି ଦେବି ଓ ରଙ୍ଗ ବିରଙ୍ଗ ପରଲାଡ଼ଲା କିଣିଦେବି । ବଜାରରୁ ପାଦ ପାଇଁ ପାଉଁଜି କିଣି ଦେବି ତାକୁ ପିନ୍ଧି ଝୁମୁରୁ ଝୁମୁରୁ କରି ନାଚିବୁ ।



# କୁଡୁଖ୍ ଡ଼ାଣ୍ଡି

## (ଓରାମ ଗୀତ)

**ଆୟ ଭଲାକାଲତ ବାବାଭଲା କାଲତ**
**ଲଟାନ୍ତା ଆମ୍ମେନ୍ ହେଡ୍ଡେନୁ ଟିକେ ବାହିନ୍‌ରେ ॥**
**ଦାଦା ଭଲାକାଲତ ଦାଦିଭଲା କାଲତ**
**ଲଟାନ୍ତା ଆମ୍ମେନ ହେଡ୍ଡେନୁ ଟିକେ ବାହିନ୍‌ରେ ॥**
**ଭାଇ ଭଲାକାଲତ ବାହିନ୍ ଭଲା କାଲତ**
**ଲଟାନ୍ତା ଆମ୍ମେନ ହେଡ୍ଡେନୁ ଟିକେ ବାହିନ୍‌ରେ ॥**
**କାକା ଭାଲାକାଲତ କାକି ଭଲା କାଲତ**
**ଲଟନ୍ତା ଆମ୍ମେନ ହେଡ୍ଡେନୁ ଟିକେ ବାହିନରେ ॥**
**ସାଙ୍ଗେ ଭଲା କାଲତ ସାଥି ଭଲା କାଲତ**
**ଲଟାନ୍ତା ଆମ୍ମେନ୍ ହେଡ୍ଡେନୁ ଟିକେ ବାହିନରେ ॥**



ଝିଅଟିକୁ ବାହା ଦେଉଛନ୍ତି । ବିଦାୟ ପୂର୍ବରୁ ଝିଅଟିକୁ ତାର ବଡ଼ ଭାଇ ବୁଝାଉଛି । ଶ୍ୱଶୁର ଘର ଗଲେ ମା, ବାପା, ଭାଇଭଉଣୀ, ଦାଦା ଦାଦି, କାକା କାକି ତଥା ସାଙ୍ଗ ସାଥିଙ୍କୁ ଭୁଲିବୁ ନାହିଁ । ତୁ ସମସ୍ତଙ୍କର ଗେହ୍ଲା ହୋଇଥିଲୁ । ତୋର ସୁଖଦୁଃଖ ବୁଝିବା ପାଇଁ ସେମାନେ ମଝିରେ ମଝିରେ ତୋତେ ଦେଖା କରିବାକୁ ଯିବେ । ତୁ ସେମାନଙ୍କୁ ଆଦର ସତ୍କାର କରିବୁ । ଢ଼ାଳରେ ପାଣି ଆଣି ତାଙ୍କ ଗୋଡ଼ ଧୋଇବୁ । ଏହା ଆମ ଓରାମ ସମାଜର ପରମ୍ପରା ଅଟେ ।